ଧରିତ୍ରୀ
DHARITRI
February 5-11, 2023 ₹ 2/-

ଛୁଟିଦିନ

# ରାଣୀଙ୍କ ସ୍ଥାପତ୍ୟ





ସେ ପୃଥିବୀ ପ୍ରସିଦ୍ଧ ତାଜମହଲ ହେଉକି କୁତବ ମିନାର। ପୁଣି ଶ୍ରୀମନ୍ଦିର ହେଉ ଅବା ବ୍ଲାକ୍‌ପାଗୋଡା କୋଣାର୍କ। ଏସବୁକୁ ନିର୍ମାଣ କରିଥିଲେ ଜଣେ ଜଣେ ପ୍ରବଳ ପ୍ରତାପୀ ରାଜା, ମହାରାଜା ଓ ସମ୍ରାଟ୍। ତେବେ ଏହି କ୍ଷେତ୍ରରେ ରାଣୀ, ମହାରାଣୀମାନେ ବି ନ ଥିଲେ ପଛରେ। ସେମାନେ ଗଢ଼ିଥିବା ଅନେକ ସ୍ଥାପତ୍ୟ ତ ଆଜି ବି ଦେଶର ଯଶ ଓ ଖ୍ୟାତି ସାରା ପୃଥିବୀରେ ବଢ଼ାଉଛି...

ପ୍ରଚ୍ଛଦ ପ୍ରସଙ୍ଗ
୩



# ଘର ପାଇଁ ବାସ୍ତୁ

**ବାସ୍ତୁଶାସ୍ତ୍ରର କିଛିଟା ଛୋଟମୋଟ କଥାକୁ ମାନିଲେ କିପରି ଘରେ ସୁଖଶାନ୍ତି ବୃଦ୍ଧି ହୋଇଥାଏ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ଛୋଟ ସାଇଜ୍‌ର ଫୁଆରା ହେଉ ଅବା ଆକ୍ୱାରିୟମ୍‌ରେ ସୁନେଲି ରଙ୍ଗର ମାଛ ରଖିବା କିମ୍ବା କାନ୍ଥରେ



ବୋହି ଯାଉଥିବା ନଦୀର ଚିତ୍ର ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ। କୁହାଯାଏ, ଏହାଦ୍ୱାରା ଘରେ କୁଆଡ଼େ ସୁଖସମୃଦ୍ଧି ଓ ଧନ ବୃଦ୍ଧି ହୋଇଥାଏ।

* ସୁଖଶାନ୍ତି ପାଇଁ ପ୍ରତିଦିନ ଘରେ କର୍ପୂର ଦୀପ ଜଳାଇପାରିବେ। ଚନ୍ଦନ ଧୂପକାଠିର ମହକ ବି ଘରୁ ନକାରାତ୍ମକ ଉର୍ଜା କମ୍ କରିଥାଏ ବୋଲି ବିଶ୍ୱାସ ରହିଛି।
* ତେଜପତ୍ର ଜଳାଇବା ଦ୍ୱାରା ବି ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ ବୋଲି ବିଶ୍ୱାସ କରାଯାଏ।
* କଲିଂ ବେଲ୍‌କୁ ଘରର ମୁଖ୍ୟଦ୍ୱାର ପାଖରେ ଲଗାଇବା ଦରକାର। ଆଉ ଏହାକୁ ବଜାଇଲେ ମଧୁର ସଂଗୀତ ଯେମିତି ବାଜୁଥିବ ସେଥିପ୍ରତି ନଜର ଦେବା ବି ଆବଶ୍ୟକ। କେବଳ ସେତିକି ନୁହେଁ, ଘରେ ପ୍ରତିଦିନ କିଛି କିଛି ସମୟ ଧାର୍ମିକ ମନ୍ତ୍ର ଶୁଣିବା ମଧ୍ୟ ଶୁଭ ହୋଇଥାଏ।
* ଘରର ମୁଖ୍ୟଦ୍ୱାରରେ କେବେ ବି କଳା ରଙ୍ଗର ପ୍ରୟୋଗ କରିବା ଉଚିତ୍ ନୁହେଁ।
* ସେହିପରି ସିଡ଼ି ତଳେ କେବେ ବି ପୂଜାଘର କିମ୍ବା ରୋଷେଇ ଘର କରିବା ଶୁଭ ନୁହେଁ।
* ଘରେ କୌଣସି ପରିତ୍ୟକ୍ତ ଜିନିଷକୁ ସାଇତି ରଖିବା ବି ଠିକ୍ ନୁହେଁ। ଏହା ବାସ୍ତୁଦୋଷକୁ ଅଧିକ ସକ୍ରିୟ କରାଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃୟାରୀ ୫-୧୧

**ମେଷ:** ମାନସିକ ସୁସ୍ଥତା, ଆର୍ଥିକ ଉନ୍ନତି, ପଡ଼ୋଶୀଙ୍କ ସୌହାର୍ଦ୍ଦ୍ୟ, ପାରିବାରିକ ଶାନ୍ତି, ରୋଗପୀଡ଼ାରୁ ଆଶ୍ୱସ୍ତି, ବାଣିଜ୍ୟରେ ଅଭିବୃଦ୍ଧି, କର୍ମକ୍ଷେତ୍ରରେ ଅଗ୍ରଗତି, ଅତିଥିସେବା, ଶୁଭ ଖବରପ୍ରାପ୍ତି, ଯାତ୍ରାରେ ପ୍ରତିବନ୍ଧକ।

**ବୃଷ:** ଅପ୍ରିୟଭାଷଣରୁ କଳହ, ଭ୍ରାତୃ ସମ୍ପର୍କହାନି, ଶାରୀରିକ ଅସୁସ୍ଥତା, ଯାନବାହନରେ ତ୍ରୁଟି, ସନ୍ତାନଙ୍କ କୃତିତ୍ୱ, ଯାତ୍ରାରେ ଲକ୍ଷ୍ୟପୂରଣ, ସମସ୍ୟା ସମାଧାନ, ଧର୍ମକାର୍ଯ୍ୟର ପ୍ରସ୍ତୁତି, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ନୂତନ ସମ୍ପର୍କ ସୃଷ୍ଟି।

**ମିଥୁନ:** ଭ୍ରାତୃସମ୍ପର୍କ ବୃଦ୍ଧି, କର୍ମକ୍ଷେତ୍ରରେ ସମ୍ମାନ, ଆତ୍ମନିର୍ଭରଶୀଳ ହେବେ, କଳାସାହିତ୍ୟରେ ଉନ୍ନତି, ଜମିଜମା ବିବାଦ, ସ୍ୱାସ୍ଥ୍ୟରେ ଉନ୍ନତି, ସାଂସ୍କୃତିକ କାର୍ଯ୍ୟାରମ୍ଭ, ମିତ୍ରବନ୍ଧୁରେ ଅଶାନ୍ତି, କରଜଦାତାଙ୍କ ଚାପ।

**କର୍କଟ:** ଇଚ୍ଛା ବିରୁଦ୍ଧ ଦୂରଯାତ୍ରା, ଅର୍ଥ ସହାୟତା ମିଳିବ, ଭ୍ରାତୃସ୍ନେହ ବଢ଼ିବ, ସ୍ୱାସ୍ଥ୍ୟ ସମସ୍ୟା କମିବ, ସ୍ଥାନାନ୍ତର ଅଟକିବ, ବନ୍ଧୁବତ୍ସଳ ହେବେ, ଉତ୍ସବାନୁଷ୍ଠାନକୁ ନିମନ୍ତ୍ରଣ, ପ୍ରତୀକ୍ଷାଜନିତ ଯନ୍ତ୍ରଣା, ବ୍ୟବସାୟିକ ସଫଳତା।

**ସିଂହ:** ଝୁଆମଣା ଠିକ୍ ରହିବ, ସମସ୍ୟା ଦୂର ହେବ, ପାରିଶ୍ରମିକ ପାଇବେ, ନୂତନ କର୍ମସଂସ୍ଥାନ, ବ୍ୟସ୍ତ ରହିପାରନ୍ତି, ପ୍ରଶାସନିକ ସଫଳତା, କାମଟି ଅଟକି ରହିବ, ପ୍ରକାଶନରେ ବିଳମ୍ବ, ସାହିତ୍ୟରେ ବିତର୍କ, ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ।

**କନ୍ୟା:** ସମସ୍ୟାକୁ ସୁଧାରି ନେବେ, ଉତ୍ସାହିତ ହେବେ, ବନ୍ଧୁଙ୍କୁ ଆପଣାର କରିବେ, ମଙ୍ଗଳୋତ୍ସବ କାର୍ଯ୍ୟରେ ଯୋଗଦାନ, ସ୍ୱାସ୍ଥ୍ୟସମସ୍ୟା ବଦଳିବ, ଜିଦ୍‌ରେ ଅଟଳ ରହିବେ, ଧର୍ମାନୁଷ୍ଠାନରୁ ପ୍ରେରଣା, ଆଶା ପୂରଣ ହେବ।

**ତୁଳା:** ଅର୍ଥ ପ୍ରାପ୍ତି ହେବ, ସମ୍ପର୍କୀୟ ପାଖ ମାଡିବେନି, ସ୍ତ୍ରୀଙ୍କ ସୁପରାମର୍ଶ, ମନୋବଳ ବୃଦ୍ଧି, ଆଶା ଫଳବତୀ ହେବ, ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି, ଦୁଃସାହସିକ କାମରେ ପ୍ରବୃତ୍ତ, ମାଙ୍ଗଳିକ କାମରୁ ଖୁସି, ବିଦେଶଯାତ୍ରାର ସୁଯୋଗ।

**ବିଛା:** ଧର୍ମକାମ କରିପାରନ୍ତି, ବନ୍ଧୁଙ୍କ ପରାମର୍ଶ, ଗୁରୁବର୍ଗଙ୍କ ସାନ୍ତ୍ୱନା, ଭୁଲ୍ ନିଷ୍ପତ୍ତିରୁ ଦ୍ୱନ୍ଦ୍ୱ, ଅପ୍ରିୟ ଭାଷଣରୁ କଳହ, ଗୃହସୀମା ବିବାଦ, ଦୂରଯାତ୍ରାର ପ୍ରସ୍ତୁତି, ନୂଆ ବନ୍ଧୁ ଜୁଟିବେ, ସନ୍ତାନଙ୍କ ବିଶୃଙ୍ଖଳା, କ୍ରନିକ୍ ରୋଗରେ ପୀଡ଼ା।

**ଧନୁ:** କାର୍ଯ୍ୟରେ ଦ୍ୱନ୍ଦ୍ୱ, ପରୋକ୍ଷ ଶତ୍ରୁତା, ଆତ୍ମୀୟଙ୍କ ସାହାଯ୍ୟ, ଧନହାନି ଘଟିପାରେ, ବକେୟାକୁ ନେଇ କଳହ, ନୂତନ କାର୍ଯ୍ୟାରମ୍ଭ, ରୋଗର ପୀଡ଼ା ବୃଦ୍ଧି, ପାରିବାରିକ ଅସହଯୋଗ, ପରିସ୍ଥିତି ବଦଳିଯିବ, ସ୍ଥିର ସିଦ୍ଧାନ୍ତ ନେବେ।

**ମକର:** ମାନସିକ ଅସୁସ୍ଥତା, ମିତ୍ରତା ବୃଦ୍ଧି, ସମ୍ପର୍କ ମଧୁର ରହିବ, ମନୋବଳ ବଢ଼ିବ, ସମାଲୋଚିତ ହୋଇପାରନ୍ତି, ଅର୍ଥ ଆଦାୟରେ ଅକ୍ଷମତା, ଭୁଲ କାମ କରିପାରନ୍ତି, ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା, ଝୁଆମଣା ଠିକ୍ ରହିବ, ବନ୍ଧୁଙ୍କ ଦ୍ୱାରଗ୍ରସ୍ତ ହୋଇପାରନ୍ତି।

**କୁମ୍ଭ:** ଶୁଭଖବର ପାଇବେ, ସମ୍ପତ୍ତି ପାଇଁ ବଣାଓଟରା, ପ୍ରତୀକ୍ଷାଜନିତ ଯନ୍ତ୍ରଣା, ପୁତ୍ରକନ୍ୟା ହେତୁକ ସମସ୍ୟା, ପଡ଼ୋଶୀଙ୍କ ସମ୍ପର୍କ ବୃଦ୍ଧି, ଭାଇଙ୍କ ସହ ମନୋମାଳିନ୍ୟ, ମନ ଉଦାସ ରହିବ, ବନ୍ଧୁ ସାହାଯ୍ୟ କରିବେ, ମାଙ୍ଗଳିକ କାମରୁ ଖୁସି।

**ମୀନ:** ପ୍ରତ୍ୟୁଷ ଯାତ୍ରାରେ ସଫଳତା, କାର୍ଯ୍ୟଦ୍ୱରାନ୍ୱିତ ହେବ, ଅତୀତ ଅନୁଚିନ୍ତା, ଦ୍ରବ୍ୟ ନଷ୍ଟ ହୋଇପାରେ, ଖୋଜୁଥିବା ଜିନିଷପାଇବେ, ଯାନ୍ତ୍ରିକ ତ୍ରୁଟି, ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ, ଲକ୍ଷ୍ୟ ପୂରଣ ହେବ, ସ୍ୱାସ୍ଥ୍ୟ ସଚେତନତା।

# ଏମିତି ଯଦି ହେଉଥାଏ

କେତେଥର ଏମିତି ହୋଇଥିବ, ଘରେ କୌଣସି ଜିନିଷର ଅଭାବ ନଥିବ, କିନ୍ତୁ କଳହ ସବୁବେଳେ ଲାଗି ରହୁଥିବ। ଏପରିକି ଘରର ଉନ୍ନତି ପଥରେ ବାରମ୍ବାର ବାଧା ଉପୁଜିବା ସହ ରୋଜଗାର ତୁଳନାରେ ଖର୍ଚ୍ଚ ବଢ଼ିଯାଉଥିବ, ରୋଗବ୍ୟାଧି ଲାଗି ରହୁଥିବ ଇତ୍ୟାଦି। କୁହାଯାଏ, ଏସବୁ କୁଆଡ଼େ ବାସ୍ତୁଦୋଷର ଗୋଟିଏ ଗୋଟିଏ ଲକ୍ଷଣ। ସେହିପରି ବାରମ୍ବାର ଘରେ ଇଲେକ୍ଟ୍ରୋନିକ୍ସ ଜିନିଷ ଖରାପ ହେବା, କାଚ ଭାଙ୍ଗିବା କିମ୍ବା ଲୁଗାପଟାରେ ନିଆଁ ଝୁଲ ଲାଗିବା ବି କେତେକାଂଶରେ ବାସ୍ତୁଦୋଷର ସୂଚନା ଦେଇଥାଏ। ଯଦି ଆପଣ ବାସ୍ତୁ ଉପରେ ବିଶ୍ୱାସ ରଖୁଥାନ୍ତି ତେବେ ଏହାର ପ୍ରତିକାର କରିପାରନ୍ତି। ହେଲେ ଏହି ସବୁ ଘଟଣା ଯେ, ବାସ୍ତୁଦୋଷ ଯୋଗୁ ହେଉଛି ଆଉ ତାହା କେତେ ସଠିକ୍ ସେକଥା କହିବା ସମ୍ଭବ ନୁହେଁ। ଏସବୁ ତ ମଣିଷର ବିଶ୍ୱାସ ଓ ଅବିଶ୍ୱାସ ଉପରେ ନିର୍ଭର କରିଥାଏ।



# ପାଠକୀୟ

ପର୍ଯ୍ୟଟନର ଗନ୍ତାଘର ଓଡ଼ିଶା। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଯେମିତି ସମସ୍ତଙ୍କୁ ଆକୃଷ୍ଟ କରିଥାଏ ସେମିତି ଆକୃଷ୍ଟ କରିଥାଏ ଏଠାକାର ପ୍ରାଣୀ ପର୍ଯ୍ୟଟନ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରାଣୀ ପର୍ଯ୍ୟଟନ'ଟି ବେଶ୍ ମନଛୁଆଁ ହୋଇପାରିଥିଲା। 'ଗୃହଶାନ୍ତି ପାଇଁ', 'ତୁଳସୀ ମାହାତ୍ମ୍ୟ' ଆଦି ପାଠରୁ ଅନେକ ନୂଆ କଥା ଜାଣିହେଲା।

*– ରାଜଶ୍ରୀ ଦାସ, ବାଦାମବାଡ଼ି, କଟକ*

ଏବେ ପର୍ଯ୍ୟଟନର ରତ୍ନ। ଆଉ ଓଡ଼ିଶା ହେଉଛି ପର୍ଯ୍ୟଟନର ଗନ୍ତାଘର। ଏଠାକାର ପାହାଡ, ଝରଣା, ପଶୁପକ୍ଷୀ ସବୁକିଛି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଯେଉଁମାନେ ଖାସ୍ ପଶୁପକ୍ଷୀଙ୍କୁ ଦେଖିବାକୁ ଆଗ୍ରହୀ ସେମାନଙ୍କ ପାଇଁ ଓଡ଼ିଶା ଏକ ସୁନ୍ଦର ସ୍ଥାନ। ତେଣୁ ଓଡ଼ିଶାରେ ଥିବା ପ୍ରାଣୀ ପର୍ଯ୍ୟଟନକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ଏକ ନିଆରା ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଟ୍ରାଇ କଲର୍ ଲୁକ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*–ରାହାସ ବିହାରି କାନୁନ୍‌ଗୋ, ବରମୁଣ୍ଡା, ଭୁବନେଶ୍ୱର*

ବ୍ୟକ୍ତିତ୍ୱ ପୃଷ୍ଠାରୁ ନିଜ ଗାଁ ସହିତ ଆଖପାଖ ଗାଁକୁ ଆଲୋକିତ କରିବା ପାଇଁ ସୁମି ଓ ତୁଳସୀ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ ଥିଲା ବୋଲି ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ବାପା' ଶୀର୍ଷକ କବିତାଟି ବି ବେଶ୍ ମନଛୁଆଁ ହୋଇଥିଲା। 'ଭିକାରୀ' ଶୀର୍ଷକ ଗପଟି ମଧ୍ୟ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ ପ୍ରିୟଙ୍କା ଚୋପ୍ରାଙ୍କ ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା।

*– ତନୁଜା ସେଠୀ, ଆଳି, କେନ୍ଦ୍ରାପଡ଼ା*

ଶିକ୍ଷୟିତ୍ରୀ ପ୍ରଭାତୀ ମଞ୍ଜରୀ ବେହେରାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ହୋଇଥିଲା। 'ସାଧନା ପୀଠ ବେଣ୍ଟପୁର', 'କଣ୍ଢେଇ ଦରବାର' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ୟାସ୍ମିନ୍ ବେଶ୍ ସୁନ୍ଦରୀ ଲାଗୁଥିଲେ।

*–ଗୁରୁପ୍ରସାଦ ଲାହାରୀ, ବଳଙ୍ଗି, ପୁରୀ*

ସାଧାରଣତନ୍ତ୍ର ଦିବସ ଅବସରରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ମନରେ ଦେଶପ୍ରୀତି ଜାଗ୍ରତ ହୋଇଥାଏ ତାହା ସହରଠୁ ଦୂର ପୃଷ୍ଠାରୁ ଜାଣିହେଲା। ବିବିଧ ପୃଷ୍ଠାରେ ସ୍ଥାନିତ 'ଚରଖା ପ୍ରତିକୃତୀ', 'ଷ୍ଟୋନ୍ ୱାର୍' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ମହିଳାଙ୍କ ପରଫ୍ୟୁମ୍ ପ୍ରେମ', 'ସବୁଠୁ ଛୋଟ ଦେଉଳ', 'ପାହାଡ଼ରେ ଲାଗିଛି ନିଆଁ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*–ବୀରକିଶୋର ପଟ୍ଟନାୟକ, ଯାଜପୁର*

## ବିଶେଷ ଚିଠି



ପ୍ରାଣୀ ପର୍ଯ୍ୟଟନକୁ ନେଇ
ଆସିଥିଲା ପ୍ରଚ୍ଛଦ,
କରୁଥିଲା କିମିଆ ସେ
ମନେ ଭରୁଥିଲା ଆନନ୍ଦ।
ଟ୍ରାଇ କଲର୍ ଲୁକ୍‌କୁ ନେଇ
ଲାଇଫ୍ ଷ୍ଟାଇଲ୍ ଥିଲା ସୁନ୍ଦର,
ନିଆରା ଲାଗୁଥିଲା ପୁଣି
ତୁମ ସହରଠୁ ଦୂର।
ହେ ମୋର ପ୍ରିୟ ଛୁଟିଦିନ
ତୁମ ଉନ୍ନତି ପାଇଁ ପ୍ରଭୁଙ୍କୁ କରୁଛି ନମନ।

*–ଶ୍ରଦ୍ଧା ମହାନ୍ତି,*
*ଚକ୍ରତୀର୍ଥ ରୋଡ଼, ପୁରୀ–୨*

ଧରିତ୍ରୀ ଛୁଟିଦିନ ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com


# ରାଣୀଙ୍କ ସ୍ଥାପତ୍ୟ



**ସେ ପୃଥିବୀ ପ୍ରସିଦ୍ଧ ତାଜମହଲ ହେଉକି କୁତବ ମିନାର। ପୁଣି ଶ୍ରୀମନ୍ଦିର ହେଉ ଅବା ବ୍ଲାକ୍‌ପାଗୋଡା କୋଣାର୍କ । ଏସବୁକୁ ନିର୍ମାଣ କରିଥିଲେ ଜଣେ ଜଣେ ପ୍ରବଳ ପ୍ରତାପୀ ରାଜା, ମହାରାଜା ଓ ସମ୍ରାଟ୍। ତେବେ ଏହି କ୍ଷେତ୍ରରେ ରାଣୀ, ମହାରାଣୀମାନେ ବି ନ ଥିଲେ ପଛରେ। ସେମାନେ ଗଢିଥିବା ଅନେକ ସ୍ଥାପତ୍ୟ ତ ଆଜି ବି ଦେଶର ଯଶ ଓ ଖ୍ୟାତି ସାରା ପୃଥିବୀରେ ବଢ଼ାଉଛି...**



ଦକ୍ଷିଣେଶ୍ୱର କାଳୀ ମନ୍ଦିର



ମୋହିନୀଶ୍ୱର ଶିବାଳୟ ମନ୍ଦିର

ଇତିହାସର ଫର୍ଦ୍ଦ ଓଲଟାଇଲେ ପ୍ରବଳ ପ୍ରତାପୀ ରାଜା ମହାରାଜାଙ୍କର ଅନେକ ବୀରତ୍ୱର ଗାଥା ଦେହ ଓ ମନରେ ରୋମାଞ୍ଚ ଭରିଦିଏ । କେବଳ ଯେ ସେମାନେ ବଳଶାଳୀ ଓ ପ୍ରତିପତ୍ତିସମ୍ପନ୍ନ ଥିଲେ ତାହା ନୁହେଁ ଅନେକ ରାଜା ତ କଳା, ସଂସ୍କୃତିର ପୂଜାରୀ ବି ଥିଲେ। ଆଉ ଗଢିଥିଲେ ଅନେକ ଐତିହାସିକ ସ୍ଥାପତ୍ୟ। ଯାହା ଏବେ ବି ମୂକସାକ୍ଷୀ। ଆଉ ସେଗୁଡିକ ସେହି ରାଜା ମହାରାଜାଙ୍କ କଥା ବାରବାର ମନେପକାଇଦିଏ। ତେଣୁ ସାଧାରଣ ଜନମାନସରେ ଏହି ଧାରଣା ଘର କରିଯାଇଛି ଯେ, ଭାରତବର୍ଷରେ ଯାହା ବି ସ୍ଥାପତ୍ୟ ଗଢ଼ାଯାଇଛି, ସେସବୁ କୌଣସି ରାଜା ହିଁ ଗଢ଼ିଛନ୍ତି। ହେଲେ ଏମିତି ବି କିଛି ଐତିହାସିକ ସ୍ଥାପତ୍ୟ ଅଛି ଯାହାକୁ ଗଢ଼ିଥିଲେ କେତେଜଣ ରାଣୀ, ମହାରାଣୀ ଓ ସାମ୍ରାଜ୍ଞୀ। କିଏ ଭଲ ପାଇବାର ସ୍ମୃତି ସନ୍ତକଭାବେ ତ କିଏ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ସେସବୁକୁ ଗଢ଼ିଥିଲେ। ଯାହା ଆଜି ବି ଅଛି ଓ ସାରା ପୃଥିବୀରେ ଭାରତର ଯଶ ଗାନ କରୁଛି।

**ବିରୁପାକ୍ଷ ମନ୍ଦିର:** କର୍ନାଟକ ଅନ୍ତର୍ଗତ ବାଗଲକୋଟ୍ ଜିଲାର ଏକ ପ୍ରମୁଖ ସହର ହେଉଛି ପତଦକଲ। ଏଇ ସହରରେ ଅଛି ଅନେକ ଐତିହାସିକ ସ୍ମାରକୀ। ଏହା ୟୁନେସ୍କୋ ୱାର୍ଲ୍ଡ ହେରିଟେଜ୍ ତାଲିକାର ଅନ୍ତର୍ଭୁକ୍ତ। ଏଇ ସହରକୁ ସପ୍ତମ-ଅଷ୍ଟମ ଶତାବ୍ଦୀରେ ଚାଲୁକ୍ୟ ବଂଶ ଦ୍ୱାରା ସ୍ଥାପନ କରାଯାଇଥିବା କୁହାଯାଏ। ପତଦକଲସ୍ଥିତ ଯେଉଁସବୁ ପୌରାଣିକ ସ୍ମାରକୀ ଓ ଧାର୍ମିକସ୍ଥଳ ଅଛି ତନ୍ମଧ୍ୟରେ ବିରୁପାକ୍ଷ ମନ୍ଦିର ସବୁଠାରୁ ବେଶି ପ୍ରସିଦ୍ଧ ଓ ଲୋକପ୍ରିୟ। ବିକ୍ରମାଦିତ୍ୟ ଦ୍ୱିତୀୟଙ୍କ ପଲ୍ଲବ ଉପରେ ବିଜୟଲାଭ ଖୁସିରେ ଏହି ମନ୍ଦିରକୁ ସପ୍ତମ ଶତାବ୍ଦୀରେ ନିର୍ମାଣ କରାଯାଇଥିଲା। ବିକ୍ରମାଦିତ୍ୟ ଦ୍ୱିତୀୟଙ୍କ ମୁଖ୍ୟରାଣୀ ଲୋକମହାଦେବୀ ଏହାକୁ ନିର୍ମାଣ କରାଇଥିଲେ। ମନ୍ଦିରର ଖୋଦିତ ଲିପିରେ ମନ୍ଦିର ପାଇଁ ରାଣୀ ଦେଇଥିବା ଦାନ ସମ୍ପର୍କରେ ଉଲ୍ଲେଖ ରହିଥିବା ସହ ମୁଖ୍ୟ ସ୍ଥପତିଙ୍କ ନାମ ବି ଖୋଦିତ ଅଛି। ମନ୍ଦିରଟି ମୁଖ୍ୟ ରୂପରେ ଭଗବାନ ଶିବଙ୍କୁ ସମର୍ପିତ। ଦ୍ରାବିଡ଼ ଶୈଳୀରେ ନିର୍ମିତ ଉକ୍ତ ମନ୍ଦିର ଶ୍ରୀ 'ଲୋକେଶ୍ୱର ମହାଶିଳା ପ୍ରସାଦ' ନାମରେ ବି ପରିଚିତ। ଏହା ମାଲପ୍ରଭା ନଦୀର ପଶ୍ଚିମ ତଟରେ ଅବସ୍ଥିତ। କୁହାଯାଏ ଏଲୋରା ଗୁମ୍ଫାରେ ଥିବା ପ୍ରସିଦ୍ଧ କୈଳାସ ମନ୍ଦିର ଏହି ମନ୍ଦିରର ଡିଜାଇନ୍‌କୁ ଅନୁକରଣ କରି କରାଯାଇଛି। ଆଉ ଏହି ବିରୁପାକ୍ଷ ମନ୍ଦିର କାଞ୍ଚିପୁରମ୍‌ର କୈଳାସନାଥ ମନ୍ଦିରର ମଡେଲକୁ ଅନୁକରଣ କରି କରାଯାଇଛି। ମନ୍ଦିରର ଖୋଦେଇ କାରୁକାର୍ଯ୍ୟରେ ଶୈବ, ବୈଷ୍ଣବ, ଶାକ୍ତ ଧର୍ମର ଝଲକ ଦେଖିବାକୁ ମିଳେ। ବିକ୍ରମାଦିତ୍ୟ ଦ୍ୱିତୀୟଙ୍କର ଅନ୍ୟଜଣେ ରାଣୀ ତ୍ରୈଲୋକ୍ୟମହାଦେବୀ ମଧ୍ୟ ଏକ ମନ୍ଦିର ନିର୍ମାଣ କରିଥିଲେ। ଯାହାକି ବିରୁପାକ୍ଷ ମନ୍ଦିର ଗଢ଼ାଯାଇଥିବା ସମୟରେ ନିର୍ମାଣ କରାଯାଇଥିଲା। ଆଉ ଏହାର ଡିଜାଇନ୍ ସହ ବିରୁପାକ୍ଷ ମନ୍ଦିରର ଡିଜାଇନ୍‌ରେ ରହିଛି ଅନେକ ସାମଞ୍ଜସ୍ୟ। ହେଲେ ଉକ୍ତ ମନ୍ଦିରଟି ବିରୁପାକ୍ଷ ମନ୍ଦିରଠାରୁ ଛୋଟ। ଏହାର ନାମ 'ତ୍ରୈଲୋକେଶ୍ୱର ମନ୍ଦିର'। କିନ୍ତୁ ଏହା 'ମଲ୍ଲିକାର୍ଜୁନ ମନ୍ଦିର' ନାମରେ ଅଧିକ ପରିଚିତ।

**ଇତ୍‌ମାଦ ଉଦ୍ ଦୌଲାହ:** ଉତ୍ତର ପ୍ରଦେଶ, ଆଗ୍ରାରେ ଅଛି ଏହି ମୋଗଲ ସମାଧି ସୌଧ। ଏହାକୁ କିଏ 'ଜୁଏଲ୍ ବକ୍ସ' କୁହନ୍ତି ତ କିଏ କୁହନ୍ତି 'ବଚା ତାଜ୍' ବା 'ବେବି ତାଜ୍'। ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ପତ୍ନୀ ନୁରଜାହାନ୍ ତାଙ୍କର ପିତା ମିର୍ଜା ଘିୟାସ୍ ଓ ମାତା ଅସମତ୍ ବେଗମ୍‌ଙ୍କ ମୃତ୍ୟୁ ପରେ ସ୍ମୃତି ସନ୍ତକ ଭାବେ ୧୬୨୨-୧୬୨୮ ମଧ୍ୟରେ ଏହି ସମାଧି ସୌଧଟି ଗଢିଥିଲେ। ରେଡ୍ ଷ୍ଟୋନ୍ ଓ ହ୍ୱାଇଟ୍ ମାର୍ବଲରେ ତିଆରି ଏହି ସମାଧିପୀଠ 'ଇତମାଦ୍ ଉଦ୍ ଦୌଲାହ' ନାମରେ ବେଶ୍ ପରିଚିତ। କାରଣ ମିର୍ଜା ଘିୟାସ୍ 'ଇତମାଦ୍ ଉଦ୍ ଦୌଲାହ' ଉପାଧିରେ ଭୂଷିତ ହୋଇଥିଲେ। ଯମୁନା ନଦୀ କୂଳରେ ଥିବା ଏହି ଚମତ୍କାର ସ୍ଥାପତ୍ୟକୁ ତାଜମହଲ ନିର୍ମାଣ ପଛର ଅନୁପ୍ରେରଣାଭାବେ ମଧ୍ୟ ଗ୍ରହଣ କରାଯାଏ।

**ରାନୀ କି ଭାଭ:** ଗୁଜରାଟର ପାଟଣରେ ଅଛି ଏହି ବହୁ ପ୍ରସିଦ୍ଧ ଐତିହାସିକ ସ୍ମାରକୀ। ମାରୁ -ଗୁଜର ଶୈଳୀରେ ନିର୍ମିତ ଏହି ସ୍ଥାପତ୍ୟ ସରସ୍ୱତୀ ନଦୀ କୂଳରେ ଶୋଭାପାଏ। ଏହା ହେଉଛି ଏକ ପାହାଚ ଥିବା କୂଅ। ତେବେ ଏହାର ନିର୍ମାଣଶୈଳୀ ଓ କାରିଗରି ସବୁବେଳେ ସମସ୍ତଙ୍କୁ ଚକିତ କରିଆସିଛି। ଏହା ହେଉଛି ଭାରତର ସବୁଠାରୁ ସୁନ୍ଦର ଷ୍ଟେପ୍‌ୱେଲ। ଏକାଦଶ ଶତାବ୍ଦୀରେ ସୋଲାଙ୍କି ସାମ୍ରାଜ୍ୟର ରାଜା ପ୍ରଥମ ଭୀମଦେବଙ୍କ ମୃତ୍ୟୁ ପରେ ତାଙ୍କ ସ୍ମୃତିରେ ରାଣୀ ଉଦୟମତି ଏହାକୁ ନିର୍ମାଣ କରାଇଥିଲେ। ପ୍ରେମର ସ୍ମାରକୀଭାବେ ଗଣନା କରାଯାଉଥିବା ଉକ୍ତ କୂଅକୁ ଏକ ଓଲଟା ମନ୍ଦିର ଭାବେ ନିର୍ମାଣ କରାଯାଇଛି। ସାତୋଟି ସୋପାନରେ ବିଭକ୍ତ ଏହି କୂଅର ପ୍ରତି ସୋପାନରେ ଚମତ୍କାର କାରିଗରି ଦେଖିବାକୁ ମିଳେ। କୂଅର କାନ୍ଥ, ସ୍ତମ୍ଭ ଆଦିରେ ବିଭିନ୍ନ କଳାକୃତି ଯେମିତିକି ଭଗବାନ ବିଷ୍ଣୁଙ୍କ ବିଭିନ୍ନ ଅବତାର, ମହିଷମର୍ଦ୍ଦିନୀ ମା'ଙ୍କର ବିଭିନ୍ନ ରୂପ ଆଦି କରାଯାଇଛି। ରାନୀ କି ଭାଭ ୟୁନେସ୍କୋର ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ଅନ୍ତର୍ଭୁକ୍ତ। ୨୦୧୮ରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଚିତ୍ରକୁ ୧୦୦ଟଙ୍କା ନୋଟ୍‌ରେ ସ୍ଥାନିତ କରିଥିଲା।

**ମୋହିନୀଶ୍ୱର ଶିବାଳୟ ମନ୍ଦିର:** ଏହି ମନ୍ଦିର 'ମହାରାଣୀ ଶଙ୍କର ମନ୍ଦିର' ଅବା 'ରାଣୀ ଜୀ' ମନ୍ଦିର ନାମରେ ବି ପରିଚିତ। କଶ୍ମୀର ଭ୍ୟାଲିସ୍ଥିତ ଗୁଲମାର୍ଗ ସହରର ମଧ୍ୟଭାଗରେ ଉକ୍ତ ମନ୍ଦିରଟି ଅଛି। ୧୯୧୫ରେ କଶ୍ମୀରର ଡୋଗ୍ରା ରାଜବଂଶର ରାଜା ହରି ସିଂହଙ୍କ ପତ୍ନୀ ମହାରାଣୀ ମୋହିନୀ ବାଈ ସିସୋଡିଆ ଏହାକୁ ନିର୍ମାଣ କରାଇଥିଲେ। ଭଗବାନ ଶିବଙ୍କୁ ସମର୍ପିତ ଉକ୍ତ ମନ୍ଦିର ଏକ ଛୋଟ ପାହାଡ଼ ଉପରେ ଅଛି। ଯାହାର ପଛଭାଗରେ ବରଫାବୃତ୍ତ ପର୍ବତର ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳେ। ମନ୍ଦିରଟିକୁ ଏଭଳିଭାବେ ତିଆରି କରାଯାଇଛି ଯେ, ତାହା ଗୁଲମାର୍ଗର ପ୍ରତିକୋଣ ଅନୁକୋଣରୁ ଦୃଶ୍ୟମାନ ହୁଏ।



ମିର୍ଜାନ୍ ଫୋର୍ଟ



ଖୈର ଉଲ୍ ମନାଜିଲ



ଇତ୍‌ମାଦ ଉଦ୍ ଦୌଲାହ



**ମିର୍ଜାନ୍ ଫୋର୍ଟ:** ଅନେକ ଯୁଦ୍ଧର ସ୍ମୃତି ବହନ କରୁଥିବା ଏହି ଦୁର୍ଗ କର୍ନାଟକର ଉତ୍ତର କନ୍ନଡ ଜିଲାରେ ଅଛି। ସୁନ୍ଦର ସ୍ଥାପତ୍ୟ ପାଇଁ ପ୍ରସିଦ୍ଧ ମିର୍ଜାନ ଫୋର୍ଟକୁ ଷୋଡ଼ଶ ଶତାବ୍ଦୀରେ ଗେରସୋପାର ରାଣୀ ଚେନ୍ନାଭୈରଦେବୀ ନିର୍ମାଣ କରିଥିଲେ। ଯେକି ୫୪ ବର୍ଷ ଧରି ଗେରସୋପାର ରାଣୀଭାବେ ଶାସନ କରିଥିଲେ ଓ ସେହି ଦୁର୍ଗରେ ରହୁଥିଲେ। ତା'ସହ ଉକ୍ତ ଦୁର୍ଗକୁ ସେ ଗୋଲମରୀଚର ନୌପରିବହନସ୍ଥଳଭାବେ ମଧ୍ୟ ବ୍ୟବହାର କରି ନିଜ ବ୍ୟବସାୟ କଥା ବୁଝୁଥିଲେ। ଅଗନାଶିନୀ ନଦୀ କୂଳରେ ୧୦ ଏକର ପରିମିତ ଅଞ୍ଚଳରେ ଥିବା ଉକ୍ତ ଦୁର୍ଗ ଲାଟେରାଇଟ୍ ପଥରରେ ନିର୍ମିତ।

**ଲାଲ ଦରୱାଜା ମସ୍‌ଜିଦ୍:** ଉତ୍ତର ପ୍ରଦେଶର ଜୌନପୁର ଏକ ଛୋଟିଆ ସହର। କିନ୍ତୁ ଏହି ସହର ତା'ର ସମୃଦ୍ଧ ସ୍ଥାପତ୍ୟ ପାଇଁ ବେଶ୍ ଜଣାଶୁଣା। ତେବେ ଏଠାକାର ମୁଖ୍ୟ ଆକର୍ଷଣ ହେଉଛି ଚିତ୍ତାକର୍ଷକ ଡିଜାଇନ୍‌ରେ ନିର୍ମିତ ଲାଲ ଦରୱାଜା ମସ୍‌ଜିଦ୍। ୧୪୪୭ରେ ସନ୍ଥ ସାୟିଦ ଅଲି ଦାଉଦ କୁତୁବୁଦ୍ଦିନଙ୍କୁ ସମର୍ପିତ କରି ମହାରାଣୀ ରାଜ୍ୟେ ବିବି ଏହାକୁ ନିର୍ମାଣ କରାଇଥିଲେ। ଶର୍କି ରାଜବଂଶର ସୁଲତାନ ମହମୁଦ ଶର୍କିଙ୍କ ରାଣୀ ହେଉଛନ୍ତି ରାଜ୍ୟେ ବିବି। ଲାଲ ମସ୍‌ଜିଦ୍ ଥିଲା ରାଣୀଙ୍କର ବ୍ୟକ୍ତିଗତ ମସ୍‌ଜିଦ। ରାଣୀ ଏହି ମସ୍‌ଜିଦ୍ ନିକଟରେ ଜାମିଆ ହୁସେନିଆ ନାମକ ଏକ ଧାର୍ମିକ ସ୍କୁଲ ବା ମଦ୍ରାସା ବି ସ୍ଥାପନ କରିଥିଲେ, ଯାହାକି ଏବେ ବି ଦେଖିବାକୁ ମିଳେ।

**ହୁମାୟୁନ୍‌ଙ୍କ ସମାଧିପୀଠ:** ଦିଲ୍ଲୀରେ ଅଛି ମୋଗଲ ସମ୍ରାଟ ହୁମାୟୁନ୍‌ଙ୍କର ଏହି ସମାଧିପୀଠ। ଯାହାକୁ ହୁମାୟୁନ୍‌ଙ୍କ ପ୍ରଥମ ପତ୍ନୀ ମୋଗଲ ସାମ୍ରାଜ୍ଞୀ ବେଗା ବେଗମ୍ ନିର୍ମାଣ କରାଇଥିଲେ। ହୁମାୟୁନ୍‌ଙ୍କ ଦେହାନ୍ତ ପରେ ବେଗା ବେଗମ୍ ଦୁଃଖରେ ଭାଙ୍ଗିପଡିଥିଲେ। ହେଲେ ପରେ ସେ ନିଜକୁ ସମ୍ଭାଳି ବାକି ଜୀବନକୁ ସ୍ୱାମୀଙ୍କ ପାଇଁ ଏକ ଭବ୍ୟ ସମାଧିପୀଠ ନିର୍ମାଣ କରିବାରେ ଉତ୍ସର୍ଗ କରିଥିଲେ। ସମାଧିସୌଧର ନିର୍ମାଣ ୧୫୬୫ରେ ଆରମ୍ଭ ହୋଇ ୧୫୭୨ରେ ଶେଷ ହୋଇଥିଲା। ଖର୍ଚ୍ଚ ହୋଇଥିଲା ୧.୫ ମିଲିୟନ ଟଙ୍କା। ଆଉ ଏହି ଖର୍ଚ୍ଚକୁ ସେ ନିଜେ ବହନ କରିଥିଲେ। ମିରାକ ମିର୍ଜା ଘିୟାସ ଓ ତାଙ୍କ ପୁଅ ସାୟିଦ ମହମ୍ମଦ ଏହାକୁ ଡିଜାଇନ୍ କରିଥିଲେ। ଆଉ ପାର୍ସୀ ସ୍ଥପତିଙ୍କୁ ରାଣୀ ଚୟନ କରିଥିଲେ ଏହାର ନିର୍ମାଣ ପାଇଁ। ଏହା ହେଉଛି ଭାରତୀୟ ଉପମହାଦ୍ୱୀପର ପ୍ରଥମ ବଗିଚା ଥିବା ସମାଧିପୀଠ। ୧୯୯୩ରେ ଏହାକୁ ୟୁନେସ୍କୋର ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ଅନ୍ତର୍ଭୁକ୍ତ କରାଯାଇଥିଲା।

**ଦକ୍ଷିଣେଶ୍ୱର କାଳୀ ମନ୍ଦିର:** କୋଲକାତା, ହୁଗୁଳି ନଦୀର ପଶ୍ଚିମ ତଟରେ ଅଛି ଭବ୍ୟ ଦକ୍ଷିଣେଶ୍ୱର କାଳୀ ମନ୍ଦିର। ମା' ଭବତାରିଣୀ ଏହି ମନ୍ଦିରରେ ପୂଜା ପାଆନ୍ତି। ୧୮୫୫ରେ ରାଣୀ ରାଶମୋନି ଉକ୍ତ ମନ୍ଦିରକୁ ନିର୍ମାଣ କରାଇଥିଲେ। ଯେକି ସତୀ ଓ ବାଲ୍ୟବିବାହ ବିରୋଧରେ ସ୍ୱର ଉତ୍ତୋଳନ କରିଥିବାରୁ ବହୁତ ଲୋକପ୍ରିୟ ଥିଲେ। ସେ ମା' କାଳୀଙ୍କର ବି ପରମ ଭକ୍ତ ଥିଲେ। ଆଉ ଭବତାରିଣୀ ହେଉଛନ୍ତି ଆଦିଶକ୍ତି କାଳୀଙ୍କର ସ୍ୱରୂପ। ତେଣୁ ପଶ୍ଚିମବଙ୍ଗର ବାସ୍ତୁକଳା ନବରତ୍ନ ଶୈଳୀରେ ସେ ଏହି ମନ୍ଦିରକୁ ନିର୍ମାଣ କରାଇଥିଲେ।

**ତାଜ୍ ଉଲ୍ ମସ୍‌ଜିଦ୍:** ମଧ୍ୟପ୍ରଦେଶ, ଭୋପାଳରେ ଥିବା ଏହି ମସ୍‌ଜିଦ୍‌କୁ କ୍ରାଉନ୍ ଅଫ୍ ମସ୍କସ୍ ବୋଲି କୁହାଯାଏ। ଏହା ହେଉଛି ଭାରତର ସବୁଠାରୁ ବଡ଼ ମସ୍‌ଜିଦ୍। ସାରା ପୃଥିବୀରେ ମଧ୍ୟ ଏହାକୁ ବଡ଼ ବଡ଼ ମସ୍‌ଜିଦ୍ ମଧ୍ୟରେ ଅନ୍ୟତମଭାବେ ଗଣନା କରାଯାଏ। ଏହାର ନିର୍ମାଣ କାର୍ଯ୍ୟ ନୱାବ ଶାହଜହାନ ବେଗମ୍ ପ୍ରାୟ ୧୮୭୧ରେ ଆରମ୍ଭ କରିଥିଲେ। ହେଲେ ଜୀବିତ ଥିବା ଭିତରେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ୧୯୦୧ରେ ତାଙ୍କର ମୃତ୍ୟୁ ହେବାପରେ ତାଙ୍କ ଝିଅ ସୁଲତାନ ଜହାନ ବେଗମ୍ ସେହି କାର୍ଯ୍ୟର ତଦାରଖ କଲେ। ଅର୍ଥ ଅଭାବରେ ଏହାର କାମ କିଛିବର୍ଷ ବନ୍ଦ ମଧ୍ୟ ରହିଲା। ୧୯୭୧ରେ ପୁଣିଥରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ୧୯୮୫ରେ ମସ୍‌ଜିଦ୍ ନିର୍ମାଣ କାର୍ଯ୍ୟ ସରିଲା। ଏହି ମସ୍‌ଜିଦ୍ ମୁନ୍‌ସି ହୁସେନ୍ ପୋଖରୀ, ନୁର୍ ମହଲ ପୋଖରୀ ଓ ମୋତିଆ ପୋଖରୀର ମଧ୍ୟଭାଗରେ ରହିଛି।

**ଖୈର ଉଲ୍ ମନାଜିଲ:** ୧୫୬୧ରେ ଏହି ଐତିହାସିକ ମସ୍‌ଜିଦ୍ ନୂଆଦିଲ୍ଲୀରେ ନିର୍ମାଣ କରାଯାଇଥିଲା। ଏହାକୁ ବି ଜଣେ ମହିଳା ଗଢ଼ିଥିଲେ। ତାଙ୍କ ନାମ ହେଉଛି ମହମ ଅଙ୍ଗା। ସେ ଜଣେ ରାଣୀ ନ ଥିଲେ। ହେଲେ ସମ୍ରାଟ ଆକବରଙ୍କ ଦରବାରରେ ପ୍ରଭାବଶାଳୀ ମହିଳାଭାବେ ପରିଚିତ ଥିଲେ। କାରଣ ସେ ଆକବରଙ୍କର ଧାଇ ମା' ଥିଲେ। ଆଉ ଆକବର ତାଙ୍କୁ ନିଜର ମା' ଭଳି ସମ୍ମାନ କରୁଥିଲେ। ସେ ନିର୍ମାଣ କରିଥିବା ଉକ୍ତ ମସ୍‌ଜିଦ୍ ମୋଗଲ ସ୍ଥାପତ୍ୟର ସୁନ୍ଦର ନିଦର୍ଶନ। ଏହା ଏକ ଦୁଇ ମହଲାବିଶିଷ୍ଟ ସ୍ଥାପତ୍ୟ। ଲାଲ ସ୍ୟାଣ୍ଡଷ୍ଟୋନ୍‌ରେ ନିର୍ମିତ ଏହାର ବିରାଟକାୟ ମୁଖ୍ୟଦ୍ୱାର ଏହି ମସ୍‌ଜିଦ୍‌ର ମୁଖ୍ୟ ଆକର୍ଷଣ।

**ମହିମ୍ ପକ୍କା ସଡ଼କ:** କୋଙ୍କଣ ଡିଭିଜନ ଅନ୍ତର୍ଗତ ସାଲ୍ସେଟ୍ ଦ୍ୱୀପ ଓ ମହାରାଷ୍ଟ୍ରର ମହିମକୁ ସଂଯୋଗ କରିବା ଲାଗି ୧୮୪୧-୧୮୪୬ ମଧ୍ୟରେ ମହିମ୍ କଜ୍‌ୱେ ବା ମହିମ ପକ୍କା ସଡ଼କ ନିର୍ମାଣ କରାଯାଇଥିଲା। ଏହି ଦୁଇଦ୍ୱୀପ ମଧ୍ୟସ୍ଥ ସନ୍ତସନ୍ତିଆ ଅଞ୍ଚଳ ଯାତାୟାତକୁ ବିପଦପୂର୍ଣ୍ଣ କରିଦେଇଥିଲା। ଆଉ ଅନେକଙ୍କ ଜୀବନ ବି ଯାଇଥିଲା। ସେତେବେଳେ ବମ୍ବେରେ ଶାସନ କରୁଥିବା ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଏଠାରେ ପକ୍କା ସଡ଼କ କରିବା ଲାଗି ଅର୍ଥ ଦେବାକୁ ରାଜି ହୋଇ ନ ଥିଲା। ହେଲେ ପ୍ରଥମ ବେରୋନେଟ୍(ପଦବୀ) ସର୍ ଜମସେତଜୀ ଜିଜିଭୋୟଙ୍କ ସ୍ତ୍ରୀ ଆଭାବାଈ ଜମସେତ୍‌ଜୀ ଜିଜିଭୋୟ ୧,୫୭,୦୦୦ଟଙ୍କା ପକ୍କା ସଡ଼କ ନିର୍ମାଣ ପାଇଁ ପ୍ରଦାନ କରିଥିଲେ। ଫଳରେ ମହିମ୍ କଜ୍‌ୱେ ତିଆରି ହେଲା ଓ ପରବର୍ତ୍ତୀ ସମୟରେ ଏହା ମୁମ୍ବାଇର ଜୀବନରେଖା ପାଲଟିଗଲା। ଏବେବି ଏହା ମୁମ୍ବାଇର ମୁଖ୍ୟ ରାସ୍ତା ମଧ୍ୟରେ ଗୋଟିଏ ଗଣନା କରାଯାଏ। ଏହି ରାସ୍ତା ସ୍ୱାମୀ ବିବେକାନନ୍ଦ ରୋଡ ଓ ଏଲ.ଜେ. ରୋଡକୁ ସଂଯୋଗ କରେ।

**ହେମଗିରି ରାଜମାତାଙ୍କ ଦୁଇ ମନ୍ଦିର:** ସୁନ୍ଦରଗଡ଼ ଜିଲା ହେମଗିରିର ରାଜମାତା ଚନ୍ଦ୍ରମୁଖୀ ଦେବୀ ତୋଳାଇଛନ୍ତି ଦୁଇ ଦୁଇଟି ମନ୍ଦିର। ଗୋଟିଏ ହେଉଛି ବାଲୁଗାଁର ମାମୁଭଣଜା ପାହାଡ଼ ଉପରେ ଥିବା ବିନ୍ଧ୍ୟବାସିନୀ ମା'ଙ୍କ ମନ୍ଦିର ଓ ହେମଗିରିରେ ଥିବା ଗଙ୍ଗାମାତାଙ୍କ ମନ୍ଦିର। ଏ ସମ୍ପର୍କରେ ରାଜମାତାଙ୍କ ବଡ଼ ପୁଅ ତଥା ରାଜାସାହେବ ସୁନୀଲ ସିଂଦେଓ କୁହନ୍ତି, 'ମୋ ମା' ଥିଲେ ବେଶ୍ ଧର୍ମପରାୟଣା। ମୋ ଜେଜେବାପା ଓ ଜେଜେବାପାଙ୍କ ବାପା ପୂର୍ବରୁ ୩ଟି ମନ୍ଦିର ତୋଳିଥିଲେ। ଆଉ ସେଇ ମନ୍ଦିରସବୁ ମା'ଙ୍କ ମନରେ ବି ଏକ ମନ୍ଦିର ତୋଳାଇବାକୁ ପ୍ରେରଣା ଦେଇଥିଲା। ଏହାଛଡା ଥରେ ସେ ବାଲୁଗାଁର ମାମୁଭଣଜା ପାହାଡ ଉପରେ ଥିବା ରାମ ସୀତା ମନ୍ଦିର ଦେଖିବାକୁ ଯାଇଥିଲେ। ପାହାଡ଼ ଉପରେ ଏକ ସୀତାକୁଣ୍ଡ ଥିବା ଦେଖି ତାଙ୍କ ମନରେ ସେଇ ପାହାଡ ଉପରେ ହିଁ ଏକ ଦେବୀ ମନ୍ଦିର ସ୍ଥାପନ କରିବା ଲାଗି ଇଚ୍ଛା ଜାଗ୍ରତ ହୋଇଥିଲା। ଆଉ ୨୦୧୦ରେ ସେହି ମାମୁ ଭଣଜା ପାହାଡ଼ ଉପରେ ଆରମ୍ଭ ହୋଇଥିଲା ବିନ୍ଧ୍ୟବାସିନୀ ମା'ଙ୍କ ମନ୍ଦିର ତୋଳା କାମ । ଦୀର୍ଘ ୧୦ ବର୍ଷ ଲାଗିଗଲା ମନ୍ଦିର ନିର୍ମାଣ ଶେଷ ହେବାକୁ। ତେବେ ଦୁଃଖର କଥା ମନ୍ଦିର କାମ ଶେଷ ହେବା ପୂର୍ବରୁ ୨୦୧୭ରେ ସେ ଦେହତ୍ୟାଗ କଲେ। ମନ୍ଦିରର ପ୍ରାୟ ସବୁ କାମ ସରିଥିଲା। କେବଳ ଫିନିଶିଂ ବାକି ଥିଲା। ମା' ମତେ ଓ ମୋ ସାନ ଭାଇ ଅନିଲ ସିଂଦେଓଙ୍କୁ କହିଥିଲେ ମନ୍ଦିର କାର୍ଯ୍ୟ ଦୁଇ ଭାଇ ମିଶି ସମ୍ପନ୍ନ କରିବାକୁ। ତେଣୁ ଦୁହେଁ ମିଶି ମନ୍ଦିରର ବାକି କାର୍ଯ୍ୟ ସାରି ୨୦୨୦ରେ ପ୍ରତିଷ୍ଠା କରାଇଲୁ। ଏହି ମନ୍ଦିରରେ ମା'ଙ୍କର ଏକ ପ୍ରତିମୂର୍ତ୍ତି ବି ରହିଛି। ମନ୍ଦିର ତୋଳାରେ ପ୍ରାୟ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ମନ୍ଦିରଟି ପଥରରେ ତିଆରି ହୋଇଛି। ଏହା ବ୍ୟତୀତ ଆମ ଗାଁ ହେମଗିରିରେ ବି ମା' ଏକ ମନ୍ଦିର ତୋଳାଇଛନ୍ତି। ତାହା ମୋ ଜେଜେବାପାଙ୍କ ବାପା ତିଆରି କରିଥିବା ଝାଡେଶ୍ୱର ଶିବ ମନ୍ଦିର ପାଖରେ ଅଛି। ଗ୍ରାମ ଲୋକେ ଏହି ମନ୍ଦିର ନିକଟରେ ମା' ପାର୍ବତୀଙ୍କର ମନ୍ଦିର ତୋଳାଗଲେ ଭଲ ହୁଅନ୍ତା ବୋଲି ଦାବି କରିଆସୁଥିଲେ। ଆଉ ମା' ସେହି ମନ୍ଦିର ପ୍ରାଙ୍ଗଣରେ ଗଙ୍ଗା ମାତାଙ୍କ ମନ୍ଦିର ତୋଳାଇଲେ। ହେଲେ ମନ୍ଦିରଟି ସମ୍ପୂର୍ଣ୍ଣ ହେବାର ସେ ଦେଖି ପାରିଲେ ନାହିଁ। ୨୦୨୧ରେ ମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେଲା। ମନ୍ଦିରର ଯାହା ବଳକା କାମ ଥିଲା ଆମେ ତାକୁ ସାରି ପ୍ରତିଷ୍ଠା କରାଇଲୁ। ମା' ସିନା ନାହାନ୍ତି ହେଲେ ସେ ତୋଳାଇଥିବା ଏହି ଦୁଇ ମନ୍ଦିର ଭିତରେ ସେ ସବୁବେଳେ ଜୀବିତ ହୋଇରହିଥିବେ।

ଏହି ରାଣୀମାନେ ପ୍ରମାଣ କରିଦେଇଛନ୍ତି ଯେ, ନାରୀ ପୁରୁଷ ନିର୍ବିଶେଷରେ ସମସ୍ତେ କଳା ଓ ସଂସ୍କୃତିର ପୂଜାରୀ।

**-ଶିବାନୀ ମହାନ୍ତି**



ଗଙ୍ଗା ମାତା ମନ୍ଦିର

ରାଜମାତା ଚନ୍ଦ୍ରମୁଖୀ ଦେବୀଙ୍କ ଦୁଇ ମନ୍ଦିର



ଚନ୍ଦ୍ରମୁଖୀ ଦେବୀ



ବିନ୍ଧ୍ୟବାସିନୀ ମା'ଙ୍କ ମନ୍ଦିର



ବିରୁପାକ୍ଷ ମନ୍ଦିର

# ଟି ଲେଙ୍ଗ୍‌ଥ ଡ୍ରେସ୍

**ଟି ଲେଙ୍ଗ୍‌ଥ ଡ୍ରେସ୍‌କୁ ପିନ୍ଧିଲେ କମ୍ଫଟେବଲ୍ ଲାଗିବା ସହ କ୍ଲାସି ଲୁକ୍ ମିଳେ। ଖାସ୍ ସେଥିପାଇଁ ସାଧାରଣ ଯୁବତୀଙ୍କଠୁ ଆରମ୍ଭ କରି ବଲିଉଡ୍ ଡିଭାଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଡ୍ରେସ୍‌ର ମାୟାରେ ପଡିଥିବା ଲକ୍ଷ୍ୟ କରାଯାଏ...**



ଟି ଲେଙ୍ଗ୍‌ଥ ଡ୍ରେସ୍‌ର ଲମ୍ବା ସାଧାରଣତଃ ଆଣ୍ଠୁ ତଳକୁ ହେଲେ ଗୋଇଠି ଉପରକୁ ରହିଥାଏ। ବିଶେଷ କରି ଏହାର ଏକ ଭଲ ଗୁଣ ହେଲା, ଏହା ନା ବେଶି ଓପନ୍ ହୋଇଥାଏ ନା ଶରୀରକୁ ସମ୍ପୂର୍ଣ୍ଣ କଭର୍ କରିକି ରଖିଥାଏ। ତା'ଛଡ଼ା ଏହି ଡ୍ରେସ୍‌ର ଲମ୍ବା ଗୋଇଠି ଉପରକୁ ରହୁଥିବାରୁ ଏହାର ତଳଭାଗରେ ସହଜରେ ମଇଳା ଲାଗେ ନାହିଁ। ଫଳରେ ଏହାକୁ ପିନ୍ଧିଲେ କମ୍ଫଟେବଲ୍ ଲାଗିବା ସହ କ୍ଲାସି ଲୁକ୍ ମିଳେ। ଏପରିକି ବର୍ଷର ଯେ କୌଣସି ସମୟରେ ଏହାକୁ ଆରାମରେ ପିନ୍ଧିହୁଏ। ଖାସ୍ ସେଥିପାଇଁ ବଲିଉଡ୍ ଡିଭାଙ୍କୁ ମଧ୍ୟ ଅନେକ ଥର ଟି ଲେଙ୍ଗ୍‌ଥ ଡ୍ରେସ୍ ପିନ୍ଧି ଫଟୋ ପୋଜ୍ ଦେଉଥିବାର ଦେଖିବାକୁ ମିଳିଥାଏ। ତା'ହେଲେ ଆସନ୍ତୁ ଜାଣିବା ଟି ଲେଙ୍ଗ୍‌ଥ ଡ୍ରେସ୍‌ର କ'ଣ ସବୁ ଲାଟେଷ୍ଟ ଫ୍ୟାଶନ ରହିଛି...

**ସିମ୍ପଲ୍ ଟି ଲେଙ୍ଗ୍‌ଥ ଡ୍ରେସ୍:** ମାର୍କେଟ୍‌ରେ ପିୟୋର୍ କଟନ୍‌ର ଖୁବ୍ ସୁନ୍ଦର ସୁନ୍ଦର ସିମ୍ପଲ ଟି ଲେଙ୍ଗ୍‌ଥ ଡ୍ରେସ୍ ମିଳୁଛି। ଏହାକୁ ଆପଣ ଚାହିଁଲେ ରେଗୁଲାର୍ ବ୍ୟବହାର କରିପାରିବେ ନଚେତ୍ ଅଫିସ୍‌କୁ ମଧ୍ୟ ପିନ୍ଧି ଯାଇପାରିବେ। ଏ ଷ୍ଟାଇଲ୍‌ର ଡ୍ରେସ୍ ସୋବର୍ ଲୁକ୍ ଦେଇଥାଏ।

**ଫ୍ଲୋରାଲ୍ ପ୍ରିଣ୍ଟ:** ଏହି ପ୍ରିଣ୍ଟର ଟି ଲେଙ୍ଗ୍‌ଥ ଡ୍ରେସ୍ ଷ୍ଟାଇଲିଶ୍ ଲୁକ୍ ଦେବା ସହ ଟ୍ରେଣ୍ଡି ବି ଲାଗିଥାଏ। ତା'ଛଡ଼ା ଏହି ଡ୍ରେସ୍ ପିନ୍ଧି ଆପଣ କାଜୁଆଲ୍ ଆଉଟିଂରେ କିମ୍ବା ଶପିଂ ପାଇଁ ବି ଯାଇପାରିବେ।

**ୱାନ୍ ସୋଲ୍ଡର୍ :** ଯଦି କୌଣସି ପାର୍ଟି ଫଙ୍କସନ୍‌କୁ ସର୍ଟ ଲେଙ୍ଗ୍‌ଥ ଡ୍ରେସ୍ ପିନ୍ଧିକି ଯିବାକୁ ଆପଣଙ୍କୁ ପସନ୍ଦ ନ ଥାଏ, ତା'ହେଲେ ସେ କ୍ଷେତ୍ରରେ ବ୍ରାଇଟ୍ କଲର୍‌ର ୱାନ ସୋଲ୍ଡର୍ ଟି ଲେଙ୍ଗ୍‌ଥ ଡ୍ରେସ୍ ଭଲ ଅପ୍ସନ ହୋଇପାରିବ। ଏହା କମ୍ଫଟେବଲ୍ ଲାଗିବା ସହ ଷ୍ଟାଇଲିଶ୍ ବି ଲାଗିବ।

**ଅଫ୍ ସୋଲ୍ଡର୍:** ଅଫ୍ ସୋଲ୍ଡର୍ ଟି ଲେଙ୍ଗ୍‌ଥ ଡ୍ରେସ୍ ଯୁବତୀଙ୍କୁ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ। ତା'ଛଡ଼ା ଏହି ଡ୍ରେସ୍ ସହିତ ଟିକେ ଗର୍ଜିୟସ୍ ଇୟର ରିଂକୁ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗିଥାଏ।


**ବଡି ଫିଟିଙ୍ଗ୍:** ସ୍ଲିମ୍ ଟ୍ରିମ୍ ଯୁବତୀଙ୍କୁ ବଡି ଫିଟିଙ୍ଗ୍ ଟି ଲେଙ୍ଗ୍‌ଥ ଡ୍ରେସ୍ ସ୍ମାର୍ଟ ଲୁକ୍ ଦେଇଥାଏ। ବିଶେଷକରି ସାଙ୍ଗସାଥୀ କିମ୍ବା ପରିବାର ସଦସ୍ୟଙ୍କ ସହିତ ଆଉଟିଂରେ ଗଲାବେଳେ ଏହି ଡ୍ରେସ୍‌କୁ ଟ୍ରାଏ କଲେ କମ୍ଫଟେବଲ୍ ଲାଗିଥାଏ।







# ସୁଷମାଙ୍କ ସର୍ଜନା ସମ୍ଭାର




**ଆଦ୍ୟ ଜୀବନରୁ କଲମର ଯାତ୍ରା ଆରମ୍ଭ କରିଥିବା ସୁଷମା ମିଶ୍ର ଅଦ୍ୟାବଧି ଅନେକ ଗଳ୍ପ, କବିତା, ପ୍ରବନ୍ଧ, ଶିଶୁ ସାହିତ୍ୟ ସୃଷ୍ଟିକରି ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିବା ସହ ସାଉଁଟିଛନ୍ତି ବିପୁଳ ପାଠକୀୟତା ..**

ଓଡ଼ିଆ ସାହିତ୍ୟ ଜଗତର ଜଣେ ସ୍ୱନାମଧନ୍ୟ ବ୍ୟକ୍ତିତ୍ୱ ସେ, ଯିଏକି ନିଜ ସୃଷ୍ଟି ଓ ସର୍ଜନାରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି ସାହିତ୍ୟ କ୍ଷେତ୍ରରେ । ତାଙ୍କ ରଚିତ ପ୍ରତ୍ୟେକ ଗପ ଓ କବିତା ଭିଜେଇଥାଏ ପାଠକ ପାଠିକାଙ୍କୁ । ଜୀବନର ଆଦ୍ୟ ସକାଳରୁ କଲମର ଯାତ୍ରା ଆରମ୍ଭ କରିଥିବା ସେଇ ଲେଖିକା ଅଦ୍ୟାବଧି ଅନେକ ଗଳ୍ପ, କବିତା, ପ୍ରବନ୍ଧ, ଶିଶୁ ସାହିତ୍ୟ ସୃଷ୍ଟିକରି ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିବା ସହ ସାଉଁଟିଛନ୍ତି ବିପୁଳ ପାଠକୀୟତା । ଇଏ ହେଲେ ଶବ୍ଦ ଶିଳ୍ପୀ ସୁଷମା ମିଶ୍ର। ବାପା ଦିବାକର ମିଶ୍ର, ବୋଉ ଦେବଲକ୍ଷ୍ମୀ ମିଶ୍ର । ସୁଷମାଙ୍କ ଜନ୍ମ ୧୯୬୦ ଜୁନ୍ ୨୦ରେ । ପୁରୀ ଜିଲା ବୀରପ୍ରତାପପୁର ଗ୍ରାମରେ। ଏକ ସଂସ୍କୃତି ଓ ସଂସ୍କାରପୂର୍ଣ୍ଣ ପରିବାରରେ ସେ ପାଳିତ। ବାପା ଓଡ଼ିଶା ସରକାରଙ୍କ ଅର୍ଥ ସେବା ଅଧିକାରୀ ଥିବାରୁ ସୁଷମାଙ୍କର ପାଠପଢ଼ା ବ୍ରହ୍ମପୁର ମେଡିକାଲ ସ୍କୁଲ, କଟକର ମ୍ୟୁନିସିପାଲିଟି ସ୍କୁଲ, ବୋର୍ଡ ସ୍କୁଲ ଓ ବଣେଇଗଡ଼ର ଗାର୍ଲ୍ସ ହାଇସ୍କୁଲରେ ହୋଇଥିଲା। ବିଦ୍ୟାଳୟ ଶିକ୍ଷା ସମାପ୍ତ କରି କଟକ ଶୈଳବାଳା କଲେଜରେ ପାଠ ପଢ଼ିଥିଲେ । ସେ ଥିଲେ କଲେଜ ୟୁନିୟନର ଡିବେଟିଂ ସେକ୍ରେଟାରି। ସ୍ନାତକ ଡିଗ୍ରୀ ହାସଲ ପରେ ତାଙ୍କର ବିବାହ ହୋଇଥିଲା ଭଞ୍ଜନଗର ନିବାସୀ ସୁରେନ୍ଦ୍ର ପ୍ରସାଦ ମିଶ୍ର (ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ)ଙ୍କ ସହ। ବିବାହ ପରେ ମଧ ସ୍ୱାମୀଙ୍କ ପ୍ରୋତ୍ସାହନରେ ସେ ବାଣୀବିହାରରେ ଦର୍ଶନ ଶାସ୍ତ୍ରରେ ଅଧ୍ୟୟନ କରିଥିଲେ । ତେବେ ସେତେବେଳେ ସାଂସାରିକ ଜଞ୍ଜାଳ ବାଧକ ସାଜିଥିଲା । ଦୃଢ଼ ମନୋବଳ ଓ ପଢ଼ିବାର ଅଦମ୍ୟ ତୃଷ୍ଣା ଯୋଗୁ ପରବର୍ତ୍ତୀ ସମୟରେ ଦୁଇଟି ଛୁଆ ଓ ବଡ଼ ପରିବାରର ଦାୟିତ୍ୱ ତୁଲାଇବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଘରୋଇ ଭାବରେ ପରୀକ୍ଷା ଦେଇ ସେ ପ୍ରଥମ ଶ୍ରେଣୀରେ ଓଡ଼ିଆ ସ୍ନାତକୋତ୍ତରରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ସେ ପିଏଚ୍.ଡି. କଲେ। ତାଙ୍କ ସନ୍ଦର୍ଭର ଶୀର୍ଷକ ଥିଲା, 'ଉତ୍ତର ସତୁରି ଓଡ଼ିଆ କବିତାରେ ଗୀତିଧର୍ମିତା'। ଲେଖିକା କୁହନ୍ତି, ଏକ ସାହିତ୍ୟ ସର୍ବସ୍ୱ ପରିବାର ହିଁ ତାଙ୍କ ସାହିତ୍ୟିକ ଜୀବନର ଅନ୍ତୁଡ଼ିଶାଳ । ତାଙ୍କ ଅଜା ଆର୍ତ୍ତତ୍ରାଣ ମିଶ୍ର ଥିଲେ ସୁସାହିତ୍ୟିକ । ଗୀତରେ ଗୀତରେ ସେ ନାତୁଣୀ ପାଖକୁ ଚିଠି ଲେଖୁଥିଲେ। ତାଙ୍କ ଆଈ ବି ପୁସ୍ତକ ରଚନା କରିଥିଲେ। ଜେଜେମାଆ ନିରକ୍ଷରା ଥିଲେ ମଧ ସେ ଥିଲେ ଆଶୁ କବି। ପୁଣି ବାପା ମା'ଙ୍କ ସାହିତ୍ୟ ସମ୍ପୃକ୍ତି ଓ ଲେଖକୀୟତା ତଥା ଅନବରତ ଅନୁପ୍ରେରଣା ସୁଷମାଙ୍କ ଲେଖାଲେଖିର ମୂଳ ଭିତ୍ତି । ଟ୍ରଙ୍କ୍‌ଭର୍ତ୍ତି ବହିରେ 'କାଶୀନାଥ ପାଠାଗାର' ତିଆରି ସହିତ ସେହି ସମୟରେ 'ବାଳପ୍ରଭା' ନାମକ ଏକ ହାତଲେଖା ବହି ପ୍ରକାଶନ କରି ସୁଷମା ଓ ତାଙ୍କର ତିନି ଭାଇ ଚିତ୍ତରଞ୍ଜନ, ବିଶ୍ୱରଞ୍ଜନ, ମନୋରଞ୍ଜନଙ୍କୁ ସାହିତ୍ୟ ସହିତ ଯୋଡ଼ିବାରେ ବାପା ମାଆଙ୍କ ପ୍ରଚେଷ୍ଟା ଥିଲା ଉଲ୍ଲେଖନୀୟ ।

'ବହି ସହ ବନ୍ଧୁତା ହିଁ ମୋତେ ସାହିତ୍ୟ ପ୍ରତି ଆକୃଷ୍ଟ କରିଛି' କହନ୍ତି ସୁଷମା । ଦଶମ ,ଏକାଦଶ ପଢ଼ିଲାବେଳେ ତାଙ୍କ ଲେଖା 'ମିନାବାଜର', 'ଟିକିଦୁନିଆ' ଆଦିରେ ପ୍ରକାଶ ପାଇଥିଲା । ଏହା ପରେ ପ୍ରଜାତନ୍ତ୍ର, ଧରିତ୍ରୀ,ସମାଜର ସାହିତ୍ୟପୃଷ୍ଠା ସୁଚରିତା, ଝଙ୍କାର, ସପ୍ତର୍ଷି , ସମ୍ବାଦ, କଥା, ପ୍ରତିବେଶୀ ଏହିପରି ଅନେକ ପତ୍ରପତ୍ରିକାରେ ସ୍ଥାନିତ ହେଉଥିଲା। ସାହିତ୍ୟର ବିଭିନ୍ନ ବିଭାଗରେ ଲେଖୁଥିଲେ ବି 'ନାଟକ ଲେଖାରେ ମୋତେ ଅଧିକ ଆତ୍ମତୃପ୍ତି ମିଳିଥାଏ' ବୋଲି ସୁଷମା କୁହନ୍ତି । ସ୍କୁଲ ଓ କଲେଜ ଜୀବନରେ ବହୁ ନାଟକରେ ସେ ଅଭିନୟ କରିଛନ୍ତି। ସେ ମଧ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଳାକାର । ଛୋଟ ଛୋଟ ପିଲା ଓ ମହିଳାମାନଙ୍କୁ ନେଇ ନାଟକ ମଞ୍ଚସ୍ଥ କରାଇବାରେ ତାଙ୍କର ବିଶେଷ ରୁଚି । ଦୂରଦର୍ଶନ ଓ ଆକାଶବାଣୀର ବହୁବିଧ ଆଲୋଚନାରେ ଭାଗନେବା ସହିତ 'କବିସୂର୍ଯ୍ୟ ନଗର ମହିଳା ସମିତି', 'କୋଦଳା ମହିଳା ସମିତି' 'ସମ୍ପର୍କ', 'ଜୟଦେବ ବାଟିକା ସାନ୍ଧ୍ୟ ମହିଳା ଯୋଗ କେନ୍ଦ୍ର' ଆଦି ପ୍ରତିଷ୍ଠା କରି ସମାଜସେବାରେ ନିଜକୁ ନିୟୋଜିତ କରିଛନ୍ତି ଡ. ମିଶ୍ର । ପିଲାଟି ଦିନରୁ ଆଜି ପର୍ଯ୍ୟନ୍ତ ନାନାଦି ପୁସ୍ତକ ପଢ଼ିବାରେ ହିଁ ତାଙ୍କର ଆଗ୍ରହ ଅପରିସୀମ ।

ଗଦ୍ୟ କବିତାର ଅନ୍ତର୍ଚ୍ଛନ୍ଦ,ମାର୍ଫତ ମାଟି, ଅନ୍ତରଙ୍ଗ ସମୟ,ହାତମୁଠାରେ ସ୍ୱପ୍ନ, ବର ବର୍ଣ୍ଣିନୀ, ଆଦି ପୁରୁଷ ଇତ୍ୟାଦି ଅନେକ ସାରସ୍ୱତ ସୃଷ୍ଟିର ରଚୟିତା ସୁଷମା ନିଜର ସାହିତ୍ୟ ସେବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ଅନେକ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ହୀରାଖଣ୍ଡ ବସନ୍ତ ସମ୍ମାନ, ଜୟଦେବ ସମ୍ମାନ,ସୁପ୍ରୀତିଦେବୀ ଗନ୍ତାୟତ ସମ୍ମାନ,ଉତ୍କଳ ସାହିତ୍ୟ ସଂସ୍କୃତି ସମ୍ମାନ, କାଦମ୍ବିନୀ କବିତା ସମ୍ମାନ,କଳିଙ୍ଗ ପୁସ୍ତକମେଳା ପ୍ରବନ୍ଧ ସମ୍ମାନ, ଶ୍ୱେତ ସଙ୍କେତ ଗଳ୍ପ ସମ୍ମାନ, ସାହିତ୍ୟ ଭାରତୀର ସୁବ୍ରତ ରଥ ସ୍ମାରକୀ ସମ୍ମାନ , ଲାଡ୍ଲି ମିଡିଆ ନ୍ୟାଶନାଲ ଆୱାର୍ଡ ଇତ୍ୟାଦି ଲାଭ କରିଛନ୍ତି । ତାଙ୍କ ପାଇଁ ଜଣା ଅଜଣା ପାଠକମାନଙ୍କ ଚିଠି ଓ ଫୋନ୍ କଲ୍ ହେଉଛି ତାଙ୍କର ସର୍ବୋଚ୍ଚ ସମ୍ମାନ । ତାଙ୍କ ଲିଖିତ ମୋ ଜେଜେମା'ରୁ ନାତୁଣୀ ପର୍ଯ୍ୟନ୍ତ କବିତାର ଅଡିଓ ଭିଡିଓ ଭାଇରାଲ ହୋଇଛି । ଏହାର ହିନ୍ଦୀ ଅନୂଦିତ ଭିଡିଓ ମଧ ବହୁଳ ଭାବରେ ପ୍ରସାରିତ ।

– **ପ୍ରିୟମ୍ବଦା ରଥ**
ଆର୍.କେ.ପୁରମ୍ ସେକ୍ଟର ୪, ନୂଆଦିଲ୍ଲୀ


ସ୍ୱାମୀଙ୍କ ସହ ସୁଷମା ମିଶ୍ର


ପରିବାର ସହ ସୁଷମା ମିଶ୍ର

# ଶ୍ରୀଭକ୍ତ ଉବାଚ

**–କାମଦେବ ମହାରଣା**

**ପା**ଣି ପବନ ମିଶେଇ
ଚବିଶି ଗୁରୁ ମୋର
ବିଜ୍ଞଜନେ !
ସସାଗରା ଧରା ମୋ କୁଟୁମ୍ବ
ଗଛ–ମାଟି–ପଥର
ତେତିଶି କୋଟି
ଇଶ୍ୱରୀ – ଈଶ୍ୱର ।

ସତକୁ ନେଇ ସ୍ୱର୍ଗ ଗଢିଛି ମୁଁ
ମିଛରେ ମାୟା ନଗର
ପୂଣ୍ୟରେ ପୁରୁଷୋତ୍ତମ
ପାପରେ ନର୍କପୁର ।

ଏଇ ମାଟି ହିଁ ଜନ୍ମଧାତ୍ରୀ
ଏ ପାଣି ପବନ ଆଲୁଅ ଅନ୍ଧାର
ଦିବ୍ୟ ଦାତା ମୋର
ଏ ଦେହ, ମନ ପଚିଶ ପ୍ରକୃତି
ଜ୍ଞାନ, ଅଜ୍ଞାନ, ଚେତନ ବିସ୍ମୃତି
କାମନା କଳ୍ପନା ସ୍ଥାପନ – ବିସ୍ଥାପନ
ସବୁତ ମୋ ପାଇଁ ବିଜ୍ଞାନ ।

ମୁଁ ଭୋକ ଅଗ୍ରତେ ତଣ୍ଡୁଳ
ଶୋଷ ସମୀପେ ପେୟଜଳ
ଋତୁର ସାତ ଚକ୍ରରେ
ବହୁବର୍ଣ୍ଣା ପୃଥିବୀ
ଜନ୍ମ – ମୃତ୍ୟୁ ବନ୍ଧନୀରେ
ଅପୂର୍ଣ୍ଣ ପ୍ରଶ୍ନଚିହ୍ନ ।

ମୁଁ ଜୀବନ ରୂପେ ପବନ
ମାୟା ରୂପେ ସମ୍ମୋହନ
ଚିତ୍ର ରୂପେ ଗଗନ
ମୂର୍ତ୍ତୀ ରୂପେ ଶୂନ୍ୟସ୍ଥାନ
ରେଣୁରେଣୁରେ ହସନ୍ତି ଈଶ୍ୱର
ଅଣୁଅଣୁରେ ମୁଁ ବିହ୍ୱଳ ଭକ୍ତଜନ ।


*–ଯାନ୍ତ୍ରିକ ବିଭାଗ*
*ପୂର୍ବତଟ ରେଳପଥ,*
*ପୁରୀ –୨, ମୋ: ୯୬୫୮୦୨୬୬୧୨*

# ଅକବିତା

**–ସ୍ମୃତି ରଞ୍ଜନ ତ୍ରିପାଠୀ**

**କ**ଥା ଥିଲା ଗୋଟେ ଫଳନ୍ତି ଗଛରେ
ବସା ଟିଏ କରିବା
ଲୁହ କୋରଡରେ ଆଙ୍କିବା
ଆମ ପତ୍ରାୟିତ ପ୍ରେମପକ୍ଷୀର
ପ୍ରଥମ ଉଡାଣ ।
ହାତମୁଠାରୁ ରେଖାସବୁ
ସନ୍ୟାସ ନେଲାବେଳେ
ଆଉ କିଏ ଗଢୁଥିବ
ଅଦେଖା ହାତର ଦ୍ୱରଣ
ତୁ ହସି ହସି ପୁଣି ମାଟିରେ ମିଶିଲାବେଳେ
ମୁଁ ଲହୁରେ ଲେଖୁଥିବି ଆମ କଳଙ୍କର ନାଁ
ଠିକ ସେଇ ଡାଳରେ ଯୋଉଠି ଫି ଦିନ
ରଚାହୁଏ ଜିଁବାର ବିକଳ୍ପ ସମ୍ମୋହନ ।

ତୁ ଏବେ ତୁ ହୋଇ ନାହୁଁ
ମୁଁ ବି ଅବୁଦ୍ଧ, ଅଶରୀର
ପ୍ରୟାଗରେ ଏବେ ବି ଭାସୁଛି
ଶୁଖିଲା ପତ୍ରର ପାଉଁଶ
କିଏ ଜଣେ ଏବେ ବି ଶବ୍ଦରେ ପିନ୍ଧୁଚି
ପତ୍ରଝଡ଼ା ପରର ଜୀବନ ।
*–ଜଟଣୀ, ଖୋର୍ଦ୍ଧା, ମୋ: ୯୪୩୮୩୧୫୩୮୧*



# ଘର

**–ସୁଜାତା ମହାପାତ୍ର**

**ଘ**ର, ଘର, ଘର ଭିତରେ ଘର, ତା' ଭିତରେ ଅନେକ ଘର ! ନଭସ୍ପର୍ଶି ଅଟ୍ଟାଳିକା, ଟାଇଲ, ଟିଣ, ଖପର, ଚାଳ ଘର । ଏତେ ଏତେ ଅସଂଖ୍ୟ ଘର ଭିତରେ କିନ୍ତୁ ମୁଁ ଖୋଜୁଥିଲି ମୋ ଘରଟି । ସୁଖ ହେଉ ବା ଦୁଃଖ, ଭୋଗିବାକୁ ଲୋଡାପଡ଼େ ଘରଟିଏ ।

ରାସ୍ତା ସହ ଛାଡି ହୋଇ ଯାଉଥିଲା ଅନେକ ଘର, ପ୍ରତ୍ୟେକ ଘର ସହ ଅନେକ କିଛି ଦୁଃଖ ଆଉ ସୁଖ ।

ହେଲେ କୌଣସି ଗୋଟିଏ ବି ଘର ମୋର ନଥିଲା । ମୁଁ ଖୋଜୁଥିଲି ମୋ ଚିହ୍ନା ପୃଥିବୀ ଓ ଆକାଶ ବେଢେଇ ରଖିଥିବା ସେ ଘରଟି । କିଛି ସମୟ ପାଇଁ କଟେଇ ଦେଉଥିଲି ଆୟୁଷ କେଉଁ ଏକ ଅଜଣା, ଅପରିଚିତ ଛାତ ଓ ଚାରି କାନ୍ଥ ମଝିରେ ବନ୍ଦୀ ହୋଇ । ହେଲେ ସେ କିନ୍ତୁ ମୋ ଘର ନଥିଲା କଦାପି । ଗାଢ଼ ରାତିରେ ଅଗନା ଅଗନୀ ବନସ୍ତ ଭିତରେ ଜଳୁଥିବା ସେହି ହାଲ୍‌କା ଆଲୁଅ ଭଳି କିଛି କ୍ଷଣ ଆଶ୍ୱାସନା ଦେଉଥିଲା କେବଳ ସେଇ ଘର ସବୁ । ଆଶା ଦେଉଥିଲା ମୋର ମଧ ଘରଟିଏ ଥିବାର ଓ ସେଥିରେ ଆଲୁଅ ଜଳୁଥିବାର । ମୁଁ ରାସ୍ତା ହୁଡ଼ି ନଯାଏ ବୋଲି କେହି ଜଣେ ରୀତିମତ ମୋ ପାଇଁ ଆଲୁଅ ଜାଳି ଅପେକ୍ଷାରେ ରହିଥିବାର ।

ଯେତିକି ଘର ମୁହାଁ ଦୌଡୁଥିଲି ମୁଁ, ସେତେସେତେ ଘର ଦୌଡୁଥିଲା ମୋ ଠାରୁ ଆହୁରି ଦୂରକୁ । ମୁଁ ତାକୁ ଛୁଇଁ ପାରୁନଥିଲି ମୋ ଅନୁଭବରେ । ଘର ଭିତରେ ଅସହାୟତା ଭୋଗୁଥିଲେ ସମ୍ପର୍କମାନେ । ମୁଁ ଛଟପଟ ହେବାର ସେମାନେ ଦୂରରୁ ଦେଖୁଥିଲେ । ଏବେ ଏବେ ଦୂରତା ବଢିବା ସହ ସେମାନେ ସେତକ ବି ଆଉ ଦେଖି ପାରୁନଥିଲେ । ହୁଏତ ସେମାନେ ଖୁସିରେ ଥିବେ, ମୋ ଖୋଜିବାରୁ ମୁକ୍ତ ହୋଇ ! ମୁଁ ବି ଆଉ ଖବର ରଖିନି ସମୟ ଅଭାବରୁ ।

ମୁଁ ତଥାପି ଖୋଜୁଛି ମୋ ମୁତାବକ ସେହି ଘରଟି !

*–ଶିବାନୀ ଏଂକ୍ଲେଭ୍, ବମୀଖାଲ, କେନାଲ ରୋଡ, ଭୁବନେଶ୍ୱର*
*ମୋ: ୯୪୩୭୩୬୦୯୬୪*



# ସ୍ମୃତି

**–ସୁମିତା ବେହେରା ବାପି**

**ସ୍ମୃ**ତି ତରଳୁଛି ନିଦାଘ ତାତିରେ
ଫଗୁଣ ଗାଉଛି ଗୀତ,
ଫିକା ଫିକା ଆଜି ଚାନ୍ଦର ଚାନ୍ଦିନୀ
ପାଶେ ନାହିଁ ବୋଲି ମିତ ।


ଭାବିଥିଲି ଆଜି ଲେଖି ବି ଚିଠିଟେ
ଆଖିରୁ କଜଳ ନେଇ,
ଅଜାଣତେ ମୋର ଧୋଇଗଲା, କେବେ
ପଲକର ବନ୍ଧ ଡେଇଁ !

## ସ୍ୱର୍ଗ

**ଧ**ରା ଆଞ୍ଜୁଳିରେ ସ୍ୱର୍ଗ ପାରିଜାତ
ତୁମେ ଛୁଇଁଦେଲା ପରେ,
ସବୁଜ ସୁଷମା କାନନେ କାନନେ
ତୁମେ ଛୁଇଁଦେଲା ପରେ ।

ବଦଳି ଯାଇଛି ଋତୁଙ୍କ ମିଜାଜ୍
ତୁମେ ଛୁଇଁଦେଲା ପରେ,
ପାନ୍ଥଶାଳା ଆଜି ଖୋଜେ ମଧୁଶାଳା
ତୁମେ ଛୁଇଁଦେଲା ପରେ ।

*–ଭୁବନେଶ୍ୱର*
*ମୋ: ୭୮୦୯୨୩୬୦୪୩*



# ବାୟୋପିକ୍ ନିଶା

କିଛିବର୍ଷର ଗ୍ୟାପ୍ ପରେ ଅନୁଷ୍କା ଶର୍ମା ପୁଣି ଥରେ କ୍ୟାମେରା ସାମ୍ନା କରିଛନ୍ତି। ଏଥର ତାଙ୍କୁ ଏକ ବାୟୋପିକ୍‌ରେ ଦେଖିବାକୁ ମିଳିବ। ଭାରତୀୟ ମହିଳା କ୍ରିକେଟ ଦଳର ଅନ୍ୟତମ ଲୋକପ୍ରିୟ ଖେଳାଳୀ ତଥା ଫାଷ୍ଟ ବୋଲର ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି ହିନ୍ଦୀ ସିନେମା 'ଚକଡା ଏକ୍ସପ୍ରେସ୍'। ଏଥିରେ ଝୁଲଣଙ୍କ ଭୂମିକାରେ ଅଭିନୟ କରୁଛନ୍ତି ଅନୁଷ୍କା। ଏପରି ସୁଯୋଗ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ଏହି ଅଫର ମୋତେ ମିଳିଲା ସେତେବେଳେ ମୁଁ ଏ ସମ୍ପର୍କରେ ବିରାଟଙ୍କ ସହ ବିଷଦ ଭାବରେ ଆଲୋଚନା କରିଥିଲି। ମା' ହେବା ପରେ ଏହା ହେଉଛି ମୋର ପ୍ରଥମ ସିନେମା। ତେଣୁ ଏହାକୁ ନେଇ ମୁଁ ବେଶ୍ ଉତ୍ସାହିତ ଅଛି।' ଅନ୍ତର୍ଜାତୀୟ କ୍ରିକେଟରେ ଝୁଲଣ ଜଣେ ମହିଳା ପେସ୍ ବୋଲର ଭାବରେ ବିଶ୍ୱରେ ସର୍ବାଧିକ ୱିକେଟ ନେବାର ଗୌରବ ଅର୍ଜନ କରିଛନ୍ତି। ୨୦୧୮ରେ ତାଙ୍କୁ ସମ୍ମାନ ଦେବାକୁ ଯାଇ ଭାରତୀୟ ଡାକ ବିଭାଗ ତାଙ୍କ ନାମରେ ଏକ ଡାକଟିକଟ ଉନ୍ମୋଚନ କରିଥିଲା। ତେବେ ଏଭଳି ଭୂମିକାରେ ଅନୁଷ୍କା କି କମାଲ କରୁଛନ୍ତି ତାହା ଫିଲ୍ମଟି ରିଲିଜ ହେବାପରେ ଜଣାପଡିବ।


ଅନୁଷ୍କା

# କେବଳ ଫଟୋଗ୍ରାଫି

ଶକ୍ତି ତନୟା ଶ୍ରଦ୍ଧାଙ୍କ ମନ ଏବେ ଗୋଟିଏ ଜିନିଷ ଆଡକୁ ଢ଼ଳିଛି। ତାହା ହେଲା ଫଟୋଗ୍ରାଫି। ଏବେ ସେ ଯୁଆଡେ ଗଲେ ସାଙ୍ଗରେ କ୍ୟାମେରା ନେଉଛନ୍ତି। କେବଳ ସେତିକି ନୁହେଁ, ଶୁଟିଂରୁ ଫ୍ରି ହେବା ମାତ୍ରେ ନିକଟସ୍ଥ ମନପସନ୍ଦର ସ୍ଥାନକୁ ଯାଇ ଫଟୋ ଉଠାଉଛନ୍ତି। ତା' ସହ ସେହି ଫଟୋଗୁଡିକୁ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିବାକୁ ଭୁଲୁ ନାହାନ୍ତି। ଏ ନେଇ ଶ୍ରଦ୍ଧା କହନ୍ତି, 'ଗତ କିଛି ବର୍ଷ ହେବ ମୁଁ ଫଟୋଗ୍ରାଫି ପ୍ରତି ମନ ବଳାଇଛି। ଫଟୋଗୁଡିକୁ ଆଲବମ୍‌ରେ ରଖୁଛି। ପ୍ରାକୃତିକ ଦୃଶ୍ୟରାଜିକୁ ନେଇ ଏହି ଫଟୋଗୁଡିର ଏକ ଫଟୋ ପ୍ରଦର୍ଶନୀ କରିବାକୁ ବି ଆଶା ରଖିଛି।' ଶ୍ରଦ୍ଧାଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ଭେଡିୟାଁ'। ବର୍ତ୍ତମାନ ସେ ଅଭିନୟ କରିଥିବା 'ତୁ ଝୁଟି ମେଁ ମକ୍କାର'କୁ ନେଇ ବେଶ୍ ଆଶା ରଖିଛନ୍ତି ଏହି ଅଭିନେତ୍ରୀ।


ଶ୍ରଦ୍ଧା


ଇମ୍ରାନ୍-ଅକ୍ଷୟ

# ବାଜିବ ଲୋ ସାହାନାଇ

ଶୁଭ ବିବାହରେ ସାହାନାଇଟିଏ ଲୋଡା ପଡ଼େ। ବିବାହ ପରିବେଶକୁ ସାହାନାଇ ଆହୁରି ଆକର୍ଷଣୀୟ କରିଥାଏ। ତେବେ ଏହାକୁ ବଜାଇବାକୁ ଲୋକଟିଏ ଦରକାର, ଯିଏ ତାହାକୁ ପେଶା ଭାବରେ ଗ୍ରହଣ କରିଥାଏ। ହେଲେ ଯଦି ସାହାନାଇ ବଜାଇବା ପ୍ରଥା ବନ୍ଦ ହୋଇଯାଏ, ତେବେ ଏହାକୁ ପେସା କରି ଚଳୁଥିବା ଲୋକଟିର ଜୀବନରେ କେମିତି କଳା ଅନ୍ଧାର ଘୋଟି ଆସେ ଆଉ ତା'ପରେ କ'ଣ ହୁଏ ତାହାକୁ ନେଇ କାହାଣୀ ଗତିଶୀଳ। ଏଭଳି ଏକ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ବାଜିବ ଲୋ ସାହାନାଇ'। ବିଗତ ଦିନରେ ଗୌରୀ ଗଣନାଟ୍ୟ ପରିବେଷିତ ତଥା ଆଶୁତୋଷ ମହାପାତ୍ରଙ୍କର ଏହି ଟାଇଟଲବିଶିଷ୍ଟ ଅପେରା ନାଟକ ସୁପରହିଟ୍ ହୋଇଥିଲା। ଆରଜେଡି ଆର୍ଟ ବ୍ୟାନରେ ଏହି କାହାଣୀକୁ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦେଇଛନ୍ତି ନବାଗତ ପ୍ରଯୋଜକ ଜନ୍ମେଜୟ ଡଗରା। ଆଶୁତୋଷ ମଧ୍ୟ ଉକ୍ତ ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ରହିଛନ୍ତି ସମ୍ବିତ, ଅମ୍ଲାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଏମାନଙ୍କ ବ୍ୟତୀତ ସ୍ୱର୍ଗତ ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଅପେରା ଅଭିନେତା ହୃଷିକେଶ ମିଶ୍ର, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମଧ୍ୟ ଦେଖିବାକୁ ମିଳିବେ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ ପଟ୍ଟନାୟକ (ଟିଟନ)। ଚଳଚ୍ଚିତ୍ରର ବୈଷୟିକ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ସୁରେଶ ଦାସ। ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଅମ୍ଲାନ-ଝିଲିକ୍

# ଅକ୍ଷୟଙ୍କ ପ୍ରଶଂସାରେ ଇମ୍ରାନ

ଖୁବ୍ ଶୀଘ୍ର ଅକ୍ଷୟ କୁମାର ଏବଂ ଇମ୍ରାନ ହାସମୀଙ୍କୁ ଏକାଠି ବଡ ପରଦାରେ ଦେଖିବାକୁ ମିଳିବ। ଫିଲ୍ମଟିର ଟାଇଟଲ ରହିଛି 'ସେଲ୍‌ଫି'। ଏଥିରେ ସଂଯୋଜିତ ଏକ ଗୀତ 'ମେଁ ଖିଲାଡି'ର ଟିଜର ରିଲିଜ ହେବା ପରେ ଦର୍ଶକ ତାହାକୁ ବେଶ୍ ପସନ୍ଦ କରିଛନ୍ତି। ଏହି ଗୀତରେ ଉଭୟ ଅକ୍ଷୟ ଏବଂ ଇମ୍ରାନ୍ ନାଚିଛନ୍ତି। ଏବେ ଇମ୍ରାନ୍ ଯୁଆଡେ ଯାଉଛନ୍ତି ଅକ୍ଷୟଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି। ଏ ସମ୍ପର୍କରେ ଇମ୍ରାନ କହନ୍ତି, 'ଅକ୍ଷୟ ଏଭଳି ଜଣେ ଅଭିଜ୍ଞ ଅଭିନେତା ଯାହାଙ୍କ ଠାରୁ ଅନେକ କଥା ଶିଖିବାର ଅଛି। ସେଗୁଡିକ ମଧ୍ୟରୁ ସମୟାନୁବର୍ତ୍ତିତା ଅନ୍ୟତମ। ତା'ସହ ଏକ ସନ୍ତୁଳିତ ଜୀବନଶୈଳୀ ସେ ସବୁବେଳେ ଅନୁସରଣ କରନ୍ତି। ଯେତେବେଳେ ତାଙ୍କ ସହ ନାଚିବାକୁ ମୋତେ କୁହାଗଲା ସେତେବେଳେ ମୁଁ ନିଜକୁ କିପରି ପ୍ରସ୍ତୁତ କରିବି ଚିନ୍ତାରେ ପଡିଯାଇଥିଲି। ହେଲେ ଅକ୍ଷୟଙ୍କ କେଇପଦ କଥା ମୋତେ ବେଶ୍ ଉତ୍ସାହିତ କରିଥିଲା। ସେଥିଲାଗି ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।' ଜଣେ ସୁପରଷ୍ଟାର ଏବଂ ସୁପରଫ୍ୟାନ୍‌ଙ୍କ ଘଟଣାକୁ ନେଇ ଏହି ଫିଲ୍ମଟିକୁ ନିର୍ମାଣ କରାଯାଇଛି। ମାଲାୟାଲାମ ଫିଲ୍ମ 'ଡ୍ରାଇଭିଙ୍ଗ ଲାଇସେନ୍ସ'ର ଏହା ଏକ ରିମେକ୍ ବୋଲି ଆଲୋଚନା ହେଉଛି। 'ସେଲ୍‌ଫି'ର ନିର୍ଦ୍ଦେଶନା ଦେଇଛନ୍ତି ରାଜ ମେହେଟ୍ଟା।

# ଜାହ୍ନବୀଙ୍କ ବୱାଲ

ଜାହ୍ନବୀଙ୍କ 'ବୱାଲ'କୁ ନେଇ ଏବେ ଚର୍ଚ୍ଚା। କଥା କ'ଣ କି ଏହି ଟାଇଟଲ ବିଶିଷ୍ଟ ଫିଲ୍ମରେ ସେ ନାୟିକା ସାଜିଛନ୍ତି। ଆଉ ଏଥିରେ ତାଙ୍କର ନାୟକ ସାଜିଛନ୍ତି ବରୁଣ ଧାୱନ। କାହାଣୀ ଅନୁସାରେ ଏକ ଛୋଟ ସହରରୁ ଯୁବକଟିଏ ବଡ ସହରକୁ ଆସିଛି। ସେଠାରେ ଜଣେ ସୁନ୍ଦରୀ ଯୁବତୀକୁ ନିଜ ପ୍ରେମ ଫାଶରେ ବାନ୍ଧିବାକୁ ଚାହୁଁଛି। କାରଣ ଯଦି ସେ ଏଠାରେ ଏଭଳି ସୁନ୍ଦରୀକୁ ବିବାହ କରେ ତେବେ ସମାଜରେ ତାହାର ସମ୍ମାନ ଆହୁରି ବଢ଼ିଯିବ। ତେବେ ତାହାର ଏଭଳି ସ୍ୱପ୍ନ ସଫଳ ହେଉଛି ତ? 'ବୱାଲ' ଫିଲ୍ମର କାହାଣୀ ରଚନା କରିଛନ୍ତି ପୀୟୁଷ ଗୁପ୍ତା, ଶ୍ରେୟାସ ଜୈନ ଏବଂ ନିଖିଲ ମେହ୍ରୋତ୍ରା। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ନିତେଶ ତିୱାରୀ। ଏ ନେଇ ଜାହ୍ନବୀ କପୁର କହନ୍ତି, 'ଫିଲ୍ମଟିର କାହାଣୀରେ ଭିନ୍ନତା ରହିଛି। ଯେତେବେଳେ ଏହାର କାହାଣୀ ଏବଂ ସେଥିରେ ମୋ ଭୂମିକା ସମ୍ପର୍କରେ ନିର୍ଦ୍ଦେଶକ ମୋ ସହ ଆଲୋଚନା କଲେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ନିଜ ରୋଲ୍‌କୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ପୁଣି ଏହାର ଉପସ୍ଥାପନା ଏଭଳି କରାଯାଇଛି, ଯାହା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହେବ। ଏଥିରେ ବରୁଣଙ୍କ ସହ ମୋ ଯୋଡିକୁ ସମସ୍ତେ ପସନ୍ଦ କରିବେ ବୋଲି ଆଶା ରଖିଛି।' ଅନ୍ୟପକ୍ଷରେ ବରୁଣ ମଧ୍ୟ ଏହି ଫିଲ୍ମର ସଫଳତାକୁ ନେଇ ଆଶାବାଦୀ ଅଛନ୍ତି। ତେବେ ଏହି ଫିଲ୍ମଟି ବକ୍ସ ଅଫିସ୍‌ରେ କି କମାଲ କରୁଛି ତାହା ଦେଖିବାକୁ ବାକି ରହିଲା।


ଜାହ୍ନବୀ


ପୂଜା

# ଏ ମନ ଖୋଜୁଥାଏ ଯାହା...

କଥାରେ ଅଛି-ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ପୂଜା ହେଗଡେ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି ସମାଜ ସେବା ଉପରେ ପର୍ଯ୍ୟବସିତ ଏକ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଏଭଳି ଏକ ଭୂମିକା ସମ୍ପର୍କରେ ପୂଜା କହନ୍ତି, 'ଜଣେ ଗାଁଉଲି ନାରୀ ସମାଜସେବା କରିବାକୁ ଆଗଭର ହୋଇଛି। ହେଲେ ଏକ ନିପଟ ମଫସଲରେ ତାହାର ପ୍ରକୃତ ଅର୍ଥକୁ ଅନେକେ ବୁଝିବାକୁ ନାରାଜ। ଏପରି କି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ଦୃଢ଼ମନା ସେହି ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟା ଭିଡିଛି। ଶେଷରେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ବି ପଛାଉ ନାହିଁ। ଏଭଳି ଏକ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେବାକୁ ଯାଉଛି, ଯାହାର ଏକ ଭଲ ଟାଇଟଲ ସନ୍ଧାନରେ ଅଛନ୍ତି ପ୍ରଯୋଜକ।' ତେବେ ଏହି ଭୂମିକା ପୂଜାଙ୍କ ଆକ୍ଟିଂ କ୍ୟାରିୟରକୁ କି ମୋଡ ଦେବ ତାହା ଦେଖିବାକୁ ବାକି ରହିଲା। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା ଫିଲ୍ମ 'କିସି କା ଭାଇ କିସି କି ଜାନ୍' ଚଳିତ ବର୍ଷ ଏପ୍ରିଲ ୨୧ରେ ରିଲିଜ ହେବାକୁ ଯାଉଛି। ଏହି ନୂଆ ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି।

# ପ୍ରଥମ ରୋଜଗାର ଟଙ୍କା ବୋଉଙ୍କୁ ଦେଇଥିଲି

ପ୍ରଥମ ରୋଜଗାର



ସଫ୍ଟୱେର ଇଂଜିନିୟର୍ ଓ କବୟିତ୍ରୀ **ମୋନାଲିସା ଦାଶ ଦ୍ୱିବେଦୀ** ନିଜ ପ୍ରଥମ ରୋଜଗାର ବିଷୟରେ ଯାହା କୁହନ୍ତି ...

ପୁରୀ ଜିଲାର ସାକ୍ଷୀଗୋପାଳରେ ମୋର ଜନ୍ମ। ମୋ ବୋଉ ଶତ୍ୟଭାମା ଦାଶ ସ୍କୁଲ ହେଡମିଷ୍ଟ୍ରେସ୍ ଥିଲେ। ତାଙ୍କର ଯେତେବେଳେ ଯେଉଁ ଜାଗାକୁ ବଦଳି ହେଉଥିଲା, ଆମେ ସମସ୍ତେ ସେଇଠି ଘର ଭଡା ନେଇ ରହୁଥିଲୁ। ମୋ ପିଲାବେଳ ଭାର୍ଗବୀ ନଦୀ କୂଳେ କୂଳେ ବିଭିନ୍ନ ଗାଁ ମାନଙ୍କରେ କଟିଛି। ନାନା (ବାପା) ରବିନ୍ଦ୍ରନାଥ ଦାଶ ପୁରୀ ଏଲ୍ଆଇସି ଅଫିସରେ ଚାକିରୀ କରୁଥିଲେ। ପିଲାଦିନେ ଏତେ ମେଧାବୀ ନଥିଲି ମୁଁ। ମୋର ଗପବହି ପଢିବାରେ ବହୁତ ଆଗ୍ରହ ଥିଲା। ଥରେ ଗୋଟେ ଗପବହି ଧରିଲେ ଶେଷ ନକରି ଛାଡୁ ନଥିଲି। ଆମ ଘରେ ପାଠପଢା ଉପରେ ସବୁବେଳେ ପ୍ରାଧାନ୍ୟ ଦିଆଯାଉଥିଲା। ବହୁତ ସମୟ ମୋର ପାଠ ପଢିବାରେ ଯାଉଥିଲା। ଶ୍ରେଣୀରେ ପ୍ରଥମ ହେଉଥିଲି ଅବଶ୍ୟ। ସାକ୍ଷୀଗୋପାଳ ଗାର୍ଲସ ହାଇସ୍କୁଲରୁ ଫାଷ୍ଟ କ୍ଲାସରେ ଉତ୍ତୀର୍ଣ୍ଣ ହେଲା ପରେ ମୁଁ ପୁରୀ କଲେଜରେ ବିଜ୍ଞାନରେ ଯୁକ୍ତ ଦୁଇରେ ଆଡ୍ମିଶନ ନେଲି। ଘରେ ସମସ୍ତେ ମୋତେ ଡାକ୍ତରୀ ପଢିବା ପାଇଁ ପ୍ରେରଣା ଦେଉଥିଲେ। କିଛି ସାଙ୍ଗମାନେ ଇଂଜିନିୟରିଂ କରିବାକୁ କହୁଥିଲେ। ମୁଁ କେବେ ଭାବିବାକୁ ସମୟ ପାଇ ନଥିଲି ମୋର ନିଜ ଇଚ୍ଛା ବିଷୟରେ। ଡାକ୍ତର ହେବାପାଇଁ ଘରେ ଅଧିକ ଚାପ ଥିଲା ; ତେଣୁ ମେଡିକାଲ ଏଣ୍ଟ୍ରାନ୍ସ ପାଇଁ ପଢୁଥିଲି। ତିନି ତିନି ଥର ଏଣ୍ଟ୍ରାନ୍ସ ବି ଦେଇଥିଲି। ହେଲେ କୌଣସି ସରକାରୀ ମେଡିକାଲ କଲେଜରେ ସିଟ୍ ମିଳି ନଥିଲା। ତେଣୁ ପଦାର୍ଥ ବିଜ୍ଞାନରେ ସ୍ନାତକ କରି ମୁଁ କଟକ ରେଭେନ୍ସା କଲେଜରେ କମ୍ପ୍ୟୁଟର ଆପ୍ଲିକେସନରେ ସ୍ନାତକୋତ୍ତର କଲି। ସ୍ନାତକୋତ୍ତର ତିନି ବର୍ଷର ପଢା ସରିଲା ପରେ ପରେ, ଭୁବନେଶ୍ୱରର ଫରେଷ୍ଟ ପାର୍କରେ ଗୋଟେ ପ୍ରାଇଭେଟ କଲେଜରେ ସ୍ନାତକ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ପଢେଇବାର ସୁଯୋଗ ମିଳିଲା । ମାସକୁ ଅଢେଇ ହଜାର ଟଙ୍କା ଦରମା । ପ୍ରଥମ ମାସର ଦରମା ଆଣି ବୋଉଙ୍କ ହାତରେ ଦେଇଥିଲି । ସେ ଖୁସିରେ ପ୍ରାୟ କାନ୍ଦ କାନ୍ଦ ହୋଇ ଯାଇଥିଲେ । ବନ୍ଧୁ ବାନ୍ଧବ ସମସ୍ତଙ୍କୁ ଗର୍ବରେ ମୋ କଥା କହୁଥିଲେ। ପ୍ରାୟ ଛ' ମାସ ସେହି କଲେଜରେ ପଢାଇବା ପରେ ମୁଁ ବାଙ୍ଗାଲୋର ଗଲି । ସେଠି ମୋତେ ଟାଟା କମ୍ପାନୀରେ ସଫ୍ଟୱେର ଇଂଜିନିୟର ଚାକିରୀ ମିଳିଥିଲା। ମୁଁ ପ୍ରତି ମାସ ମୋର ଅଧା ଦରମା ଘରକୁ ପଠାଉଥିଲି । ଯେହେତୁ ନନା, ବୋଉ ଦୁହେଁ ଚାକିରୀ କରୁଥିଲେ , ମୋ ଟଙ୍କା ଉପରେ ସେମାନଙ୍କର କିଛି ଆବଶ୍ୟକତା ନିର୍ଭର କରୁ ନଥିଲା। ସେମାନେ ଅନେକ ଖୁସି ହେଉଥିଲେ ମୋ ସଫଳତାରେ। ଏବେ ମୋର ଚାକିରୀ କରିବାର ପ୍ରାୟ ପନ୍ଦର ବର୍ଷ ହୋଇ ଗଲାଣି । ଟାଟା କମ୍ପାନୀ ଛାଡିଲା ପରେ ଆହୁରି ଅନେକ ସଫ୍ଟୱେର କମ୍ପାନୀରେ ଦେଶ ବିଦେଶରେ କାମ କରିଛି । ବୋଉଙ୍କୁ ଭାରତର ବହୁତ ଜାଗା ବୁଲେଇବାକୁ ନେଇଛି। ସେସବୁ ମୁହୂର୍ତ୍ତର ଅନୁଭବ ଅଲଗା। ହେଲେ ଯେବେ ମୁଁ ମୋର ପ୍ରଥମ ଚାକିରିର ଦରମା ବୋଉଙ୍କ ହାତରେ ଦେଇଥିଲି ସେଇ ମୁହୂର୍ତ୍ତର ଖୁସି ସବୁଠୁ ନିଆରା ଥିଲା ।

# ଏପଟେ ରୁଷାକୁ ସେପଟେ ହସ, ବଡ ଅଜବ ଏ ପ୍ରେମର ଫାଶ

**ପ୍ରଶ୍ନ**–ଜଣେ ଝିଅ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି। ସେ କ'ଣ ସତରେ ମୋତେ ଭଲ ପାଉଛି ?

*–ପ୍ରଶାନ୍ତ କୁମାର, ବଡବିଲ*

**ଉତ୍ତର:** କଥାରେ ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! 'ଏପଟେ ରୁଷାକୁ ସେପଟେ ହସ, ବଡ ଅଜବ ଏ ପ୍ରେମର ଫାଶ' । ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଛି।




**ପ୍ରଶ୍ନ**–ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ସନାତନ ରାଉତ, କଟକ*

**ଉତ୍ତର:** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ହେଲେ ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ହେଲେ ତାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନାହିଁ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଉତ୍ତମ ହେବ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ? ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ମୋତେ ତ ସେମିତି କିଛି ଲାଗୁନାହିଁ। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*–ଅମିତ ସାହୁ, ରାଉରକେଲା*

**ଉତ୍ତର:** ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି, ହେଲେ କହୁନି କାହିଁକି ?

*–ବସନ୍ତ ଦାସ, କେନ୍ଦ୍ରାପଡା*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ କ'ଣ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*–ସୁମନ୍ତ ସାହୁ, ବଲାଙ୍ଗୀର*


**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକାର ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ଆପଣ ଜଣେ କବି ଆଉ ଆପଣଙ୍କର ସୁନ୍ଦର ପ୍ରେମ କବିତା ଲେଖିବାରେ ପଟୁତା ରହିଛି ବୋଲି, ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ପଢ଼ିବାକୁ ଚେଷ୍ଟା କରିବେ।



**ପିଲାବେଳୁ କେବଳ ଖୁସିରେ ଚିତ୍ର ଆଙ୍କୁଥିବା ପୂର୍ଣ୍ଣଚନ୍ଦ୍ର ପରବର୍ତ୍ତୀ ସମୟରେ ବିଭିନ୍ନ ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ କାହାଣୀକୁ ନେଇ ଅଙ୍କନ କଲେ ପଟ୍ଟଚିତ୍ର। ଯାହା ତାଙ୍କ ରୋଜଗାରର ମାଧ୍ୟମ ହେବା ସହ ତାଙ୍କୁ ଦେଇଛି ପରିଚୟ...**

# ପଟ୍ଟଚିତ୍ର ଦେଇଛି ପରିଚୟ

ଓଡ଼ିଆ ଶିଳ୍ପୀଙ୍କ ରଙ୍ଗତୂଳୀର କାନ୍‌ଭାସରେ ଅଙ୍କିତ ଚିତ୍ର ହେଉ କି ନିହାଣ ମୁଗୁରର ସ୍ପର୍ଶରେ ପଥର ଖୋଦନ କିମ୍ବା କାଠ ଖୋଦେଇ ମୂର୍ତ୍ତି ହେଉ। ଶିଳ୍ପୀ ସୃଷ୍ଟିକରେ ସଜ ଫୁଟା ଫୁଲ ପରି ସତେଜ ଓ ଜୀବନ୍ତ ମନେ ହେଉଥିବା ନିଆରା ଶିଳ୍ପୀକଳାର ଦୁନିଆ। ତେବେ ଓଡ଼ିଶାର ପାରମ୍ପରିକ ଚିତ୍ରକଥା ମନକୁ ଆସିଲେ ପ୍ରଥମେ ନଜର ପଡ଼େ ପଟ୍ଟଚିତ୍ର ଉପରେ। ବିଭିନ୍ନ ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ କାହାଣୀର ଚରିତ୍ରମାନଙ୍କୁ ପଟ୍ଟଚିତ୍ରରେ ସ୍ଥାନିତ କରିଥିବା ଜଣେ ଯୁବଶିଳ୍ପୀ ହେଲେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର। ଏଥିପାଇଁ ତାଙ୍କର ଏକ ଭିନ୍ନ ପରିଚୟ ସୃଷ୍ଟି ହୋଇପାରିଛି। ପୁରୁଣା ଭୁବନେଶ୍ୱର ଶାସନ ପଡ଼ିଆରେ ରହୁଥିବା ପୂର୍ଣ୍ଣଚନ୍ଦ୍ର କୁହନ୍ତି, ମୋ ବାପା ପୁରୁଷୋତ୍ତମ ମହାପାତ୍ରଙ୍କର ରାଜ୍ୟରେ ଜଣେ କାଗଜମୁଖା ଶିଳ୍ପୀ ଭାବେ ସ୍ୱତନ୍ତ୍ର ପରିଚୟ ରହିଛି। ବାପାଙ୍କର ପ୍ରଭାବ ମୋ ଉପରେ ବି ପଡିଥିଲା। ଯେଉଁଥିପାଇଁ ପିଲାଟିଦିନରୁ ଚିତ୍ରକଳା ପ୍ରତି ମୋର ବେଶ୍ ଆଗ୍ରହ ଥିଲା। ସ୍କୁଲ୍ ବୟସରୁ ହିଁ ବିଭିନ୍ନ ଜୀବଜନ୍ତୁ, ବୃକ୍ଷଲତା ଓ ଦେବଦେବୀଙ୍କ ଚିତ୍ର ଅଙ୍କନ କରି ଖୁସି ହୋଇପଡୁଥିଲି। ବେଳେବେଳେ କିଛି ନୂଆ ଚିନ୍ତା ମନକୁ ମନ ଆପେଆପେ ଜୁଟେ। ସେହି ଚିନ୍ତନର ଦୃଶ୍ୟକୁ କିପରି ଚିତ୍ରରେ ରୂପାନ୍ତରିତ କରିପାରିବି ସେନେଇ ଚେଷ୍ଟା କରିଥାଏ। ପ୍ରାୟତଃ ପ୍ରାଚୀନ ସଂସ୍କୃତି ଆଧାରିତ ତଥା ବିଭିନ୍ନ ପୁରାଣ କାହାଣୀର କଥାବସ୍ତୁକୁ ନେଇ ଚିତ୍ର ଅଙ୍କନ କରିଥାଏ। ମାତ୍ର ମୋର ଗ୍ରାଜୁଏଶନ ସରିଲାପରେ ସରକାରୀ ହସ୍ତଶିଳ୍ପ ପ୍ରତିଷ୍ଠାନ ଗଣ୍ଡମୁଣ୍ଡାଠାରେ ପ୍ରାୟ ୨ ବର୍ଷ ଧରି ପଟ୍ଟଚିତ୍ର ବିଭାଗରେ ତାଲିମ ନେଇ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲି। ଏହାପରେ ଏହି ପଟ୍ଟଚିତ୍ର କଳାକାରିଗରି ମୋର ରୋଜଗାରର ମାଧ୍ୟମ ହୋଇଛି। ରାମାୟଣ, ମହାଭାରତ, କୃଷ୍ଣଲୀଳା, ମାନଭଞ୍ଜନ, ଶ୍ରୀଜଗନ୍ନାଥଙ୍କ ମନ୍ଦିର ତୋଳା ଆଦି ବିଭିନ୍ନ ପୌରାଣିକ ଓ ଐତିହାସିକ ବିଷୟର ଚରିତ୍ରମାନଙ୍କୁ ପଟ୍ଟଚିତ୍ରରେ ସ୍ଥାନ ଦେଇଥାଏ। ବିଭିନ୍ନ ସମୟରେ ସରକାରୀ ଓ ବେସରକାରୀ ୱାର୍କଶପ୍‌ରେ ଭାଗ ନେଇ ଏହି ପଟ୍ଟଚିତ୍ର କାମ କରୁଥିଲି। ଓଡ଼ିଶା ଲଳିତ କଳା ଏକାଡେମୀ ଓ ଭାରତୀୟ ବିଦ୍ୟାଭବନ ଦ୍ୱାରା ବେଙ୍ଗାଲୁରୁଠାରେ ଆୟୋଜିତ ପଟ୍ଟଚିତ୍ର ୱାର୍କଶପ୍‌ରେ ଯୋଗଦେଇଥିଲି। ପୁଣି ଦିଲ୍ଲୀ, ହାଇଦ୍ରାବାଦ୍, କୋଲ୍‌କାତା ଆଦି ରାଜ୍ୟର କେତେକ ଚିତ୍ରକଳା ପ୍ରଦର୍ଶନୀରେ ଭାଗନେଇ ମୋର ଚିତ୍ର ପ୍ରଦର୍ଶନ କରିଥିଲି। ଯେଉଁଥିରେ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣି ଓ ପରମ୍ପରା ସ୍ଥାନ ପାଇଥିଲା। ମୁଁ ମୋ ପଟ୍ଟଚିତ୍ରରେ ବିଶେଷକରି ରାଧାକୃଷ୍ଣଙ୍କ ପ୍ରେମଲୀଳା, ମାତା ଯଶୋଦା ଓ ଦେବକୀଙ୍କ ବାତ୍ସଲ୍ୟ ମମତାର ଭାବକୁ ପରିପ୍ରକାଶ କରିବାକୁ ପ୍ରୟାସ କରିଥାଏ। ଏଥିପାଇଁ ଅନେକ ପୁରସ୍କାର ମିଳିଛି। ଏକ ହସ୍ତଶିଳ୍ପ ଅନୁଷ୍ଠାନରେ ଏବେ ମୁଁ ମୁଖ୍ୟ ଡିଜାଇନର ଭାବେ କାର୍ଯ୍ୟ କରୁଛି। ଏଯାଏ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ପଟ୍ଟଚିତ୍ର କାମ କରି ସାରିଲିଣି। ଏହି ପଟ୍ଟଚିତ୍ର କଳାକାରିଗରି ପାଇଁ ଚଳିତବର୍ଷ ଓଡ଼ିଶା ସରକାରଙ୍କ ତରଫରୁ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ମିଳିଛି। ଯାହାଦ୍ୱାରା ମୋତେ ହସ୍ତଶିଳ୍ପ କଳା ସାଧନାରେ ଆଗକୁ ଯିବା ପାଇଁ ଅଧିକ ଉତ୍ସାହ ମିଳିଛି।



**-ବନବିହାରୀ ବେହେରା**





# ବର, ଅଶ୍ୱତ୍ଥ ଗଛ ରୋପଣ ନିଶା





ପ୍ରାକୃତିକ ପରିବେଶରେ କିପରି ବିଭିନ୍ନ ବୃକ୍ଷଲତାର ସୁରକ୍ଷା ହୋଇପାରିବ ସେଥିପାଇଁ ସେ ପ୍ରୟାସ କରିଛନ୍ତି। ଏଥିଲାଗି ୨୦୧୯ମସିହାରୁ ବିଭିନ୍ନ ସ୍ଥାନରେ ସେ ବୃକ୍ଷରୋପଣ କାର୍ଯ୍ୟ ଜାରିରଖିଛନ୍ତି। ସେ ହେଲେ ସୁବାସ ନାୟକ। ଜଣେ ସାମାଜିକ କର୍ମୀ। ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଆଙ୍ଗିସିଙ୍ଗି ଗାଁରେ ଘର। ସୁବାସ କୁହନ୍ତି, ପରିବେଶ ପାଇଁ ବର ଓ ଅଶ୍ୱତ୍ଥ ଗଛ ଦରକାର ମାତ୍ର ଏହି ଗଛସଂଖ୍ୟା ଆସ୍ତେ ଆସ୍ତେ କମିବାରେ ଲାଗିଛି। ବର ଓ ଅଶ୍ୱତ୍ଥ ଗଛକୁ ଲୋକେ ପୂଜା କରୁଥିଲେ ହେଁ ନୟାଗଡ଼ ଜିଲାରେ ଧୀରେ ଧୀରେ ଏହାର ସଂଖ୍ୟା ହ୍ରାସ ପାଇ ଚାଲିଥିଲା । ଏଭଳି ସମୟରେ ବର ଓ ଅଶ୍ୱତ୍ଥ ଗଛ ଲଗାଇବା ପାଇଁ ନିଷ୍ପତ୍ତି ନେଇଥିଲି। ପ୍ରତିଦିନ ସକାଳୁ ସକାଳୁ ଚାରା ସଂଗ୍ରହ ପାଇଁ ବାଇକରେ ବାହାରି ପଡ଼ିଥାଏ। ଏଥିପାଇଁ କେଉଁ ଦିନ କେଉଁ ଅଞ୍ଚଳ ଆଡ଼େ ଯାଏ ଠିକ୍ ଭାବେ ନିର୍ଦ୍ଦିଷ୍ଟ କରି ନ ଥାଏ। ମାତ୍ର ପ୍ରତିଦିନ କିଛି ନା କିଛି ବର ଓ ଅଶ୍ୱତ୍ଥ ଚାରା ସଂଗ୍ରହ କରି ଫେରିଥାଏ। ଆଉ ସଂଗ୍ରହ କରିଥିବା ଚାରାଗୁଡ଼ିକ ପୋତିବା ପାଇଁ ଆମ ଅଞ୍ଚଳର ଆଖପାଖ ଗାଁର ମଶାଣି ପାଖ ଜାଗା ଓ ରାସ୍ତାକଡ଼କୁ ବାଛିଥାଏ। ଆଗରୁ ଅନ୍ୟ ଗଛ ଲଗାଉଥିଲେ ବି ୨୦୧୯ରୁ ବର ଓ ଅଶ୍ୱତ୍ଥ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଛି। ନୟାଗଡ଼ ଜିଲାର ଗୁଞ୍ଜିବାରଣ, ଗୋଡ଼ିପଡ଼ା, ବାଉଁଶିଆ, ଦୁର୍ଗାପ୍ରସାଦ, କରଡ଼ାଶାସନ, ଅସୁରଢ଼ିପା, ଆଙ୍ଗିସିଙ୍ଗି, ବଡ଼ଗୋରଡ଼ା ଗାଁର ବିଭିନ୍ନ ଶ୍ମଶାନରେ ବର ଓ ଅଶ୍ୱତ୍ଥ ଗଛ ଲଗାଇବାର ପ୍ରୟାସ ଚାଲୁରହିଛି। ଓଡ଼ଗାଁ ବ୍ଲକର ବିଭିନ୍ନ ଗାଁର ରାସ୍ତାକଡ଼ରେ ମଧ୍ୟ ବୃକ୍ଷରୋପଣ ହୋଇଛି। ଏମିତିରେ ବିଭିନ୍ନ ଶ୍ମଶାନ, ନଦୀକୂଳ, ରାସ୍ତାକଡ଼ରେ ୪ ବର୍ଷ ଭିତରେ ପ୍ରାୟ ୧,୧୨୨ଟି ଗଛ ଲଗାଇସାରିଲିଣି। ବର ଓ ଅଶ୍ୱତ୍ଥ ଗଛକୁ ଥାନା, ଫାଣ୍ଡି ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀଙ୍କୁ ଉପହାର ରୂପେ ଦିଏ । ଗଛ ଲଗାଇବାକୁ ପରାମର୍ଶ ଦିଏ । ଗଛର ଉପକାରିତା ବୁଝାଏ । ବର ଓ ଅଶ୍ୱତ୍ଥ ପରି ଉପକାରୀ ଗଛକୁ ନଷ୍ଟ ନ କରିବାକୁ ଅନୁରୋଧ କରେ। ବର ଓ ଅଶ୍ୱତ୍ଥ ଗଛ ଗୋଟିଏ ଗୋଟିଏ ଜୈବ ବିବିଧତାର ଗନ୍ତାଘର । ପରିବେଶ ପାଇଁ ଏହି ଗଛର ନିହାତି ଆବଶ୍ୟକତା ରହିଛି ।

**-ଲୋକନାଥ ମିଶ୍ର**



ମାନସୀ

# ହାଃ ହାଃ

## ସମ୍ପର୍କୀୟ

ଥରେ ସ୍ୱାମୀ ସ୍ତ୍ରୀ ବୁଲିବାକୁ ଯାଇଥାନ୍ତି । ରାସ୍ତାରେ ଏକ ଗଧକୁ ଦେଖି ସ୍ତ୍ରୀ ମଜାରେ ସ୍ୱାମୀଙ୍କୁ କହିଲେ: ହେଇଟି ଶୁଣୁଛ, ଦେଖିଲ ଦେଖିଲ ସେ ପରା ତୁମ ସମ୍ପର୍କୀୟ । ତାଙ୍କୁ ନମସ୍କାର କର । ସ୍ୱାମୀ ବି କୋଉ ଛାଡିବା ଲୋକ । ସେ କହିଲେ: ଆରେ ହଁ ତ ! ଶ୍ୱଶୁର ନମସ୍କାର ।

## ଏମିତି ଝିଅ

ରାଜୁ ମୁନାକୁ: ବୁଝିଲୁ ସାଙ୍ଗ ମୁଁ ଏମିତି ଝିଅକୁ ବାହା ହେବାକୁ ଚାହୁଁଛି, ଯିଏ ପରିଶ୍ରମୀ ହୋଇଥିବ, ସିମ୍ପଲ ଲାଇଫ୍ ପସନ୍ଦ କରୁଥିବ, ଘରକୁ ସଜାଡି ରଖିପାରୁଥିବ । ଆଉ ସବୁଠୁ ବଡ଼ କଥା ସେ ଆଜ୍ଞାଧୀନ ହୋଇଥିବ ।

ମୁନା: ଏମିତି କଥା ଯଦି, ତୁ ମୋ ଘରକୁ ଆସେ ।

ରାଜୁ: କାହିଁକି ?

ମୁନା: ଏସବୁ ଗୁଣ ତ ଆଜିକାଲି ଝିଅଙ୍କ ପାଖରେ ମିଳିବା କଷ୍ଟ । ହେଲେ ମୋ ଚାକରାଣୀ ପାଖରେ ଏସବୁ ଗୁଣ ଅଛି ।

## ସିଟ୍

ଚିଣ୍ଟୁ ମା'ଙ୍କୁ: ମାମା ଆଜି ମୁଁ ବାପାଙ୍କ ସହ ବସ୍‌ରେ ଆସିବାବେଳେ ଜଣେ ସ୍ତ୍ରୀ ଲୋକଙ୍କ ପାଇଁ ବାପା ମତେ କହିଲେ ସିଟ୍ ଛାଡିବାକୁ ।

ମା:ଏଇଟା ତ ଭଲ କଥା । ସ୍ତ୍ରୀ ଲୋକଙ୍କୁ ସମ୍ମାନ ଦେଇ ସିଟ୍ ଛାଡିବା ଉଚିତ ।

ଚିଣ୍ଟୁ: ହେଲେ ମାମା ମୁଁ ତ ବାପାଙ୍କ କୋଳରେ ବସିଥିଲି ।


**ସୂଚନା**


ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ମୋଣ୍ଟିସ୍ କ୍ଲିକ୍, କଷ୍ଟ୍ୟୁମ୍: ପ୍ରୀତମ୍ ନାୟକ,
ମେକ୍‌ଅପ୍: ଆଣ୍ଟି

# ପୋବିଟୋରା

## ବନ୍ୟପ୍ରାଣୀ ଅଭୟାରଣ୍ୟ







**ଗୋଟିଏ ଶିଙ୍ଗ ଥିବା ଗଣ୍ଡାମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ପୋବିଟୋରା ବନ୍ୟପ୍ରାଣୀ ଅଭୟାରଣ୍ୟରେ ପର୍ଯ୍ୟଟକ ଅନ୍ୟାନ୍ୟ ବନ୍ୟପ୍ରାଣୀ ତଥା ଶତାଧିକ ପ୍ରଜାତିର ପକ୍ଷୀଙ୍କୁ ଦେଖିବା ସହ ଫଟୋଗ୍ରାଫି ଓ ହାତୀ ପିଠିରେ ବସି ବୁଲିବାର ମଜା ମଧ୍ୟ ନେଇପାରିବେ...**





ଆସାମର ମୋରିଗାଓଁ ଜିଲା ଅନ୍ତର୍ଗତ ପୋବିଟୋରା ବନ୍ୟପ୍ରାଣୀ ଅଭୟାରଣ୍ୟକୁ କେହି କେହି ପବିଟୋରା ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟ କହିଥାନ୍ତି। ପ୍ରାୟ ୩୮.୮୫ ବର୍ଗ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଉକ୍ତ ଅଭୟାରଣ୍ୟରେ ମୁଖ୍ୟତଃ ଗୋଟିଏ ଶିଙ୍ଗ ଥିବା ଗଣ୍ଡାମାନଙ୍କୁ ଦେଖିବାକୁ ମିଳିଥାଏ। କିନ୍ତୁ ଏହି ୩୮.୮୫ ବର୍ଗ କି.ମି ପରିବ୍ୟାପ୍ତ ଅଞ୍ଚଳର କିଛି ଅଂଶ ଅର୍ଥାତ୍ ମାତ୍ର ୧୬ ବର୍ଗ କି.ମି. ପରିଧି ଭିତରେ ହିଁ ଏହି ଗଣ୍ଡାମାନେ ଦେଖାଯାଇଥାନ୍ତି। ତଥ୍ୟ ଅନୁଯାୟୀ, ପୋବିଟୋରାକୁ ୧୯୭୧ ମସିହାରେ ପ୍ରଥମେ ଏକ ସଂରକ୍ଷଣ କ୍ଷେତ୍ର ଭାବେ ଘୋଷଣା କରାଯାଇଥିବାବେଳେ ୧୯୮୭ରେ ଏହାକୁ ଏକ ବନ୍ୟପ୍ରାଣୀ ଅଭୟାରଣ୍ୟର ମାନ୍ୟତା ମିଳିଥିଲା।

### କ'ଣ ଦେଖିବେ

ପୋବିଟୋରା ଗୋଟିଏ ଶିଙ୍ଗ ଥିବା ଗଣ୍ଡାମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ ହେଁ, ଏଠାରେ ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ଦେଖିହୁଏ। ଯେମିତିକି ଚିତାବାଘ, ଜଙ୍ଗଲୀ ଘୁଷୁରି, ବୋବାଉଥିବା ହରିଣ, ଜଙ୍ଗଲୀ ମଇଁଷୀ, ହାତୀ ଇତ୍ୟାଦି। ତା'ଛଡ଼ା ପ୍ରାୟ ୩୭୫ ପ୍ରଜାତିର ପକ୍ଷୀମାନଙ୍କ ପାଇଁ ଏହା ଏକ ସୁରକ୍ଷିତ ଆବାସସ୍ଥଳୀ କହିଲେ ମଧ୍ୟ ଭୁଲ୍ ହେବନାହିଁ। ଏପରି କି ଶୀତଦିନେ ପାଖାପାଖି ଦୁଇ ହଜାରରୁ ଊର୍ଦ୍ଧ୍ୱ ଭ୍ରମଣକାରୀ ପକ୍ଷୀ ମଧ୍ୟ ଏଠାକୁ ଉଡି ଆସିଥାନ୍ତି, ଯାହା ହେଉଛି ଏଠାକାର ଅନ୍ୟତମ ନିଆରା ଆକର୍ଷଣ। ସେହିପରି ଏହି ଅଭୟାରଣ୍ୟ ଭିତରେ ବିଭିନ୍ନ ପ୍ରଜାତିର ସରୀସୃପଙ୍କୁ ଦେଖିବା ପାଇଁ ଏକ ସ୍ୱତନ୍ତ୍ର ଗ୍ୟାଲେରି ବି ତିଆରି କରାଯାଇଛି।

### କେବେ ଓ କେମିତି ଯିବେ

ଗୁଆହାଟିର ପୂର୍ବ ଦିଗରୁ ପୋବିଟୋରା ଅଭୟାରଣ୍ୟଟି ପ୍ରାୟ ୩୦ କି.ମି. ଦୂରରେ ଅବସ୍ଥିତ। ତେଣୁ ଗୁଆହାଟିରୁ ସଡ଼କପଥରେ ପ୍ରାୟ ୧ ଘଣ୍ଟାର ରାସ୍ତା ଅତିକ୍ରମ କରି ଗଲେ ପଡେ ଏହି ଅଭୟାରଣ୍ୟଟି। ତା'ଛଡ଼ା ବର୍ଷର ଯେ କୌଣସି ସମୟରେ ଏଠାକୁ ଯିବାର ସୁବିଧା ମଧ୍ୟ ରହିଛି। ହେଲେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ମେ' ହେଉଛି ଏଠାକୁ ଯିବା ପାଇଁ ସବୁଠୁ ଭଲ ସମୟ। କାରଣ ଏହାପରେ ବର୍ଷାଦିନ ଆସିଯାଏ। ବର୍ଷାରେ ଗଲେ ଏଠାରେ ପଶୁପକ୍ଷୀଙ୍କୁ ନିକଟରୁ ଦେଖିବାରେ ସମସ୍ୟା ଉପୁଜିଥାଏ।

### ହାତୀ ପିଠିରେ ବସି ବୁଲିବେ

ପୋବିଟୋରାରେ ଥିବା ହାତୀମାନଙ୍କ ପିଠିରେ ବସି ଅଭୟାରଣ୍ୟ ଭିତରେ ବୁଲିବାର ମଜା ହିଁ କିଛି ନିଆରା ଥାଏ। ଏଥିପାଇଁ କିଛି ଶୁଳ୍କ ଦେବାକୁ ହୋଇଥାଏ। ତା'ଛଡ଼ା ଅଭୟାରଣ୍ୟ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ବୃକ୍ଷଲତା ବି ଏଠାକାର ପରିବେଶକୁ ବେଶ୍ ମନୋରମ କରିଥାଏ। ତେଣୁ ସହରର ଜନଗହଳିପୂର୍ଣ୍ଣ ପରିବେଶରୁ କିଛିକ୍ଷଣ ପାଇଁ ବାହାରି ଆସି ଏଭଳି ଏକ ଶାନ୍ତ ବାତାବରଣରେ ସମୟ କଟାଇବାକୁ ପ୍ରାୟତଃ ପର୍ଯ୍ୟଟକଙ୍କର ଗହଳି ଏଠାରେ ଲାଗିଥାଏ।


### ଫଟୋଗ୍ରାଫିର ମଜା ନେବେ


ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ଏହି ଅଭୟାରଣ୍ୟଟି ଉଭୟ ପ୍ରକୃତିପ୍ରେମୀ ତଥା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଅଭୟାରଣ୍ୟରେ ଥିବା ଜାତିଜାତିକା ପଶୁପକ୍ଷୀଙ୍କୁ ଦେଖିବା ସହ ଆଗନ୍ତୁକ ଏଠାରେ ଫଟୋଗ୍ରାଫିର ମଜା ମଧ୍ୟ ନେଇପାରିବେ।



# କଥା ଛୁଞ୍ଚିର










କପଡା ସିଲେଇ କରିବା ଲାଗି ସାଧାରଣତଃ ମେଶିନ୍ ବ୍ୟବହାର କରାଯାଏ ଅବା ହାତରେ ସିଲେଇ କରାଯାଏ। ହେଲେ ଉଭୟ କ୍ଷେତ୍ରରେ ଗୋଟିଏ ଜିନିଷ ସାଧାରଣ ଥାଏ। ସେ ହେଉଛି ଛୁଞ୍ଚି। ବିନା ଛୁଞ୍ଚିରେ ସିଲେଇ କରିବା ଅସମ୍ଭବ। ତେବେ ଅନେକେ ଭାବନ୍ତି ଛୁଞ୍ଚି ହେଉଛି ଆଧୁନିକ ସରଞ୍ଜାମ। ହେଲେ ଏହାର ଇତିହାସ ହଜାର ହଜାର ବର୍ଷ ପୁରୁଣା। ପୁରାତତ୍ତ୍ୱ ବିଭାଗକୁ ଡେନିସୋଭା ଗୁମ୍ଫାରୁ ମିଳିଥିବା ୫୦,୦୦୦ ବର୍ଷ ପୁରୁଣା ଏକ ଛୁଞ୍ଚି ହେଉଛି ଏହାର ପ୍ରମାଣ। ଏହାକୁ କୌଣସି ଧାତୁରେ ତିଆରି କରାଯାଇ ନ ଥିଲା। ବରଂ ତିଆରି ହୋଇଥିଲା ଏକ ବଡ଼ ଚଢେଇର ହାଡରେ। ସେହି ଛୁଞ୍ଚିଟି ବେଶ୍ ସୁରକ୍ଷିତ ଅବସ୍ଥାରେ ମିଳିଥିଲା। ତେଣୁ ତାହା ଏବେ ବି ବ୍ୟବହାରଯୋଗ୍ୟ। ଏହି ଛୁଞ୍ଚି ଉଦ୍ଧାର ହୋଇଥିବା ସ୍ଥାନରୁ ଅନ୍ୟ କେତୋଟି ଛୋଟ ଛୁଞ୍ଚି ବି ମିଳିଥିଲା। ହେଲେ ଚଢେଇ ହାଡରେ ତିଆରି ଏଇ ଛୁଞ୍ଚି ସବୁଠାରୁ ପୁରୁଣା ହେବା ସହ ବହୁତ ଲମ୍ବା। ଏହାର ଲମ୍ବ ୭ସେ.ମି. ଅଟେ। ବିଶ୍ୱାସ କରାଯାଏ ପୂର୍ବେ ପ୍ରାଣୀ ଚମଡାକୁ ସିଲେଇ କରିବା ପାଇଁ ଏଭଳି ହାଡର ଛୁଞ୍ଚି ବ୍ୟବହାର କରାଯାଉଥିଲା। ଏହାବାଦ ଛୁଞ୍ଚିକୁ ପ୍ରାଣୀଙ୍କ ଶିଙ୍ଗ ଓ ଦାନ୍ତରେ ବି ତିଆରି କରାଯାଉଥିଲା। ସେତେବେଳେ ସୂତାଭାବେ ପ୍ରାଣୀଙ୍କ ମାଂସପେଶୀ ଓ ଅସ୍ଥିର ସଂଯୋଗକାରୀ ତନ୍ତୁକୁ ଅବା ଗଛର ତନ୍ତୁକୁ ବ୍ୟବହାର କରାଯାଉଥିଲା। ଏହାବାଦ୍ ନାଟିଭ୍ ଆମେରିକୀୟମାନେ 'ଆଗେଭ' ନାମକ ଏକ ଗଛରୁ ଉଭୟ ଛୁଞ୍ଚି ଓ ସୂତା ପାଉଥିଲେ। ଏହି ଗଛର ପତ୍ର ଲମ୍ବା ଲମ୍ବା ଓ ଅଗ୍ରଭାଗ ବେଶ୍ ମୁନିଆ। ପତ୍ରକୁ କିଛିଦିନ ପାଣିରେ ବତୁରାଇ ରଖିଲେ ପତ୍ର ବତୁରି ସେଥିରୁ ଏକ ପ୍ରକାରର ତନ୍ତୁ ବାହାରେ। ସେହି ଲମ୍ବା ଲମ୍ବା ତନ୍ତୁ ଶୁଖିବା ପରେ ତାକୁ ସେମାନେ ସୂତା ଓ ପତ୍ରର ଅଗ୍ରଭାଗର ମୁନିଆ ଅଂଶକୁ ଛୁଞ୍ଚିଭାବେ ବ୍ୟବହାର କରି ସିଲେଇ କରୁଥିଲେ। ପରବର୍ତ୍ତୀ ସମୟରେ ଛୁଞ୍ଚି ୱାୟର ମେକିଂ ଟେକ୍‌ନଲୋଜିର ଏକ ଅନୁପ୍ରୟୋଗ ବି ସାଜିଥିଲା। ଯାହା ଖ୍ରୀ.ପୂ. ୨ୟ ମିଲେନିୟମରେ ଆରମ୍ଭ ହୋଇଥିଲା। ଛୁଞ୍ଚି ତିଆରିର ଅନ୍ୟ ଏକ ପ୍ରମୁଖ ପରିବର୍ତ୍ତନ ୧୦ମ ଶତାବ୍ଦୀରେ ଚାଇନାରେ ଉଚ୍ଚ ଗୁଣବତ୍ତା ଥିବା ଷ୍ଟିଲ ନିର୍ମାଣ ପଦ୍ଧତିର ଆଗମନରେ ହୋଇଥିଲା। ୧୬୩୯ରେ ଇଂଲଣ୍ଡର ରେଡଡିଚ୍‌ରେ ଛୁଞ୍ଚି ନିର୍ମାଣ ଆରମ୍ଭ ହୋଇଥିଲା। ପରେ ଛୁଞ୍ଚି ନିର୍ମାତାମାନେ ଲଣ୍ଡନରେ ଗିଲ୍ଡ ଅଫ୍ ନିଡଲ ମେକର୍ ସ୍ଥାପିତ କରିଥିଲେ। ଛୁଞ୍ଚିକୁ ନେଇ ପର୍ବ ବି ପାଳନ କରାଯାଏ। ଯେମିତିକି ଜାପାନରେ ହରି କୁୟୋ ନାମକ ଭଙ୍ଗା ଛୁଞ୍ଚିର ପର୍ବ ପାଳନ କରାଯାଏ। ଏଥିରେ ଭଙ୍ଗା ଛୁଞ୍ଚିକୁ ଶେଷ ସମ୍ମାନ ଜଣାଯାଏ। ଏହା ୧୬୦୦ ଦଶକରୁ ପାଳିତ ହେଉଛି। ଏହିଭଳିଭାବେ ଛୁଞ୍ଚି ମାନବ ସହ ବହୁ ବର୍ଷରୁ ଜଡିତ ରହି ଆସିଛି।





# ଚକୋଲେଟ୍‌ରେ ସଜବାଜ

ସମସ୍ତେ ନିଜ ବାହାଘର ଦିନ ସୁନ୍ଦର ଓ ଖାସ୍ ଦେଖାଯିବାକୁ ଚାହାନ୍ତି। ସେଥିପାଇଁ କେହି କେହି ଅଜବ ଷ୍ଟାଇଲ୍ କରିବାକୁ ବି ପଛାନ୍ତି ନାହିଁ। ଯେମିତି କି ଏବେ ଜଣେ କନିଆଙ୍କ ହେୟାରଷ୍ଟାଇଲ୍ ବେଶ୍ ଚର୍ଚ୍ଚାରେ ଅଛି। ଏହି କନିଆ ନିଜ କେଶକୁ ଫୁଲ ଓ ଗଜରାରେ ସଜାଇ ନାହାନ୍ତି। ବରଂ ସଜାଇଛନ୍ତି ଚକୋଲେଟ୍‌ରେ। ତାଙ୍କ ହେୟାର ଡ୍ରେସର୍ ବେଣୀ କରି ସେଥିରେ କିଟକାଟ୍, ଫାଇଭ୍‌ଷ୍ଟାର, ଫେରେରୋ ରୋଚର୍, ମିଲ୍କିବାର୍ ପରି ଚକୋଲେଟ୍ ଲଗାଇ ସଜାଇଛନ୍ତି। କେବଳ ସେତିକି ନୁହେଁ ସେ ଚକୋଲେଟ୍‌ର ହାର ତିଆରି କରି ବେକରେ ଲଗାଇଛନ୍ତି। ଆଉ ଚକୋଲେଟ୍‌ରେ ତିଆରି କାନର ଝୁମୁକା ଓ ମଥାମଣି ବି ଲଗାଇଛନ୍ତି। ତାଙ୍କର ଏହି ଚକୋଲେଟ୍ ଗହଣା ଓ ଚକୋଲେଟ୍ ଫୁଲକୁ ସୋସିଆଲ ମିଡିଆରେ ଅନେକେ ପସନ୍ଦ କରୁଥିବାବେଳେ, କେହି କେହି ଏହାକୁ ନାପସନ୍ଦ ବି କରିଛନ୍ତି।




## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଭିକାରିଙ୍କ ଆତ୍ମକଥା

ଗଲା ସୋମବାର ଦିନ ସାବୀ ଭିକାରୁଣୀ ତା' ପାଖରେ ବସିଥିବା ସଦାକୁ ଯୋଉ ଜ୍ଞାନ ଗର୍ଭକ କଥା କହୁଥିଲା, ତାହା ଏମିତି ସେମିତିଆ କଥା ନୁହଁ । ସେଇ କଥାରେ ଗଭୀରତା ଥିଲା । କହିଲା... ଜାଣିଲୁରେ ସଦା ! ଆଜିକାଲି ଆମକୁ ଲୋକେ ଭିକମଗା ବୋଲି ଛି ଛାକର କରି କେତେ କଥା କହି ଗାଳି ଦେଉଛନ୍ତି, ଦୁଆରୁ ଫେରେଇ ଦେଉଛନ୍ତି । ତେଣୁ ଆମେ ଆସି ଦେଉଳ ଦୁଆରେ ବସି ଦରଦଭରା ଭକତଙ୍କ ହାତଟେକା ଦାନକୁ ଚାହିଁ ବସିଛୁ, ହେଲେ ତେଣେ କେତେ ଯେ ନକଲି ଭିକାରି ଭରି ଗଲେଣି... ତାହା କ'ଣ କାହା ନଜରରେ ପଡୁନି ? ଆମକୁ କିଏ ଟଙ୍କେ ଦି'ଟଙ୍କା କି ମୁଠାଏ ଚାଉଳ ଦେଲେ ବାଧିଯାଉଛି । ମାତ୍ର ତେଣେ ଏଇ ନକଲି ଭିକାରିଙ୍କ ଅଣ୍ଟିରେ ପରା କୁଡ଼ କୁଡ଼ ଟଙ୍କା କୁଢେଇ ଦେଇ ଖୁସି ହେଉଛନ୍ତି । ମୁଁ ଭାବୁଛି ସେଇମାନଙ୍କ ସକାଶେ ଆମର ମହତ୍ତ୍ୱ ଲୋକେ ବୁଝୁ ନାହାନ୍ତିରେ । ଆଗରୁ ଲୋକେ ଭିକାରିଙ୍କୁ ଦାନ ନ ଦେଲେ ଭୋଜନ କରୁ ନ ଥିଲେ । ଆମକୁ ଦରିଦ୍ର ନାରାୟଣ ବିଚାର କରି ଅନ୍ନ ଭୋଜନ, ଧନଦାନ, ବସ୍ତ୍ରଦାନ କରି ପୁଣ୍ୟ ଅର୍ଜୁ ଥିଲେ । ଆଗ ଦାନଦେଇ ମନ୍ଦିର ଭିତରକୁ ଯାଇ ପ୍ରଭୁଙ୍କ ଦର୍ଶନ, ପୂଜା କରୁଥିଲେ । ହେଲେ ଏବେ ମତେ ଲାଗୁଛି... ଅପାତ୍ରରେ ଦାନ ବେଶି ହେଉଛି । ଆଜିକାଲି ଯାହାର ଯେତେ ଧନ ଦରବ ବଢୁଛି, ତା'ର ସେତେ ଲୋଭ ବଢୁଛି । ସେଇମାନେ ବେଶି ବେଶି ମାଗୁଛନ୍ତି । ତାଙ୍କ ମାଗିବା ଦିଶୁନି ! ଆଉ ଆମେ ମାଗିଲେ ସମସ୍ତଙ୍କ ଆଖିକି ଦିଶୁଛି । ଇଜ୍ଜତ ମହତ ପଳଉଛି । କୁଆଡେ ରାଇଜର ନିନ୍ଦା ହେଉଛି ବୋଲି ଆମ ଭଳି ଭିକାରିଙ୍କୁ ତଡିବା ପାଇଁ ଯୋଜନା ଚାଲିଛି । ଆମର ଏ ଭିକ୍ଷା ମାଗିବା ପ୍ରଥା ପରା କୋଉ ପୁରୁଣା ଯୁଗରୁ ଚଳିଆସୁଛି । ରାବଣ କଥା କହୁନୁ, ସେ ଏଡ଼େ ବଡ଼ ଲଙ୍କାର ରାଜା ହେଇ ଭିକାରି ବେଶରେ ସୀତାଙ୍କୁ ଭିକ ମାଗିଲା । ଧନୀ ଗରିବ ଭକତଗଣ ମହାପ୍ରଭୁଙ୍କୁ କେତେ କ'ଣ ମାଗୁଛନ୍ତି । କିଏ କହିଲାଣି ସୁନ୍ଦରୀ ଗୁଣର ଭାରିଯା ଦିଅ ତ କିଏ କହିଲାଣି ସୁନ୍ଦର ପୁଅ ତ କିଏ ଧନୀ ଡଉଲ ଡାଉଲ ଜ୍ୱାଇଁ ଦିଅ । କିଏ ମାଗୁଛି.. ଧନ ସମ୍ପତ୍ତି କୋଠାବାଡ଼ି ତ କିଏ ମାଗୁଛି ମୋଟର ଗାଡି । କିଏ ସରକାରୀ ବଡ଼ ଚାକିରି ତ କିଏ ପ୍ରମୋସନ, ପଦ ପଦବୀ । ମରାଠୀ ଛତ୍ରପତି ଶିବାଜୀ ମହାରାଜା ତ ପୁଣି ଗୁରୁ ରାମଦାସଙ୍କ ଆଦେଶରେ ହାତରେ ଭିକ୍ଷାଝୁଲି ଧରି ଦୁଆର ଦୁଆର ବୁଲି ଭିକ ମାଗିଥିଲେ । ପୁରାଣକାଳରେ ଗୁରୁଙ୍କ ଆଦେଶରେ ସାଧୁ ସନ୍ନ୍ୟାସୀ ଗୃହସ୍ଥ ଦୁଆରେ ଭିକ୍ଷା ମାଗିବାର ନିୟମ ଥିଲା । ସେମାନେ ଭଲରେ ବୁଝିଥିଲେ...ଭିକ ମାଗିଲେ ଗର୍ବ ଅହଂକାର ନଷ୍ଟ ହୁଏ... ଦାନ ଦେଲେ ପୁଣ୍ୟ ହୁଏ । ଆଉ ଆମେ ମାଗିଲେ କ'ଣ ଏମିତି ମାନ ମହତ ପଳଉଛି ? କହିଲୋ ! ଆମେ କ'ଣ ମୋଫତରେ ଭିକ ମାଗୁଛୁ ? ତମରି ଭଲ ପାଇଁ, ମଙ୍ଗଳ ହେବାକୁ... କଲ୍ୟାଣ କରିବାକୁ ମାଗୁଛୁ । କୁଡ଼ କୁଡ଼ ଆଶୀର୍ବାଦ ବି ତମକୁ ଦଉଛୁ । ତମରି ପିଲାଛୁଆ ଭଲରେ ରହନ୍ତୁ ବୋଲି ତମ ଦାନ ସାଙ୍ଗରେ ଶୁଭକାମନା ଦେଉଛୁ ନା ! ଯେତେବେଳେ ଭୋଟ ବେଳ ଆସୁଛି- କେତେ କେତେ ବଡ଼ ନେତା, ମନ୍ତ୍ରୀ, ଘର ଘର ବୁଲି ମୁଣ୍ଡିଆ ମାରି, ଧନୀ ଗରିବ ବାଛବିଚାର ନ କରି ଭୋଟ ଭିକ୍ଷା କରୁଛନ୍ତି । କେତେ କେତେ



ଅଫିସରେ ବଡ଼ ଅଫିସରଠୁ ତଳିଆ ପିଅନ ଯାଏ ତ ମାଗୁଛନ୍ତି । ଟୋକାମାନେ ଝିଅଙ୍କୁ ତ ପୁଣି ଝିଅମାନେ ପୁଅଙ୍କୁ ପ୍ରେମ ଭିକ ମାଗୁଛନ୍ତି । ପୁଅ ଝିଅମାନେ ବାପାକୁ ଟଙ୍କା, ଡ୍ରେସ ମାଗୁଛନ୍ତି ତ ସ୍ତ୍ରୀ ମାଗୁଛି ସ୍ୱାମୀକୁ... ସୁନା ଅଳଙ୍କାର । ନିଶାଖିଆଦଳ କେତେ ବାହାନା କରି ଘରେ ବାହାରେ ହାତପତେଇ ଦେ ଦେ ବୋଲି ଟଙ୍କା ମାଗୁଛନ୍ତି । ସଦାରେ ! ତୁ ଟିକେ ବିଚାର କରରେ... ଏମାନେ କୋଉବାଗିଆ ଭିକାରି ! ଯଦି ଦୁନିଆରେ ଏତେ ପରକାରେ ଏତେ ଭିକାରି ଅଛନ୍ତି, ତେବେ ଭିକାରି ନିର୍ମୂଳ ଯୋଜନା ସଫଳ ହବ କେମିତି ?

ଆଜିକାଲି ଆଉ କେତେ ପ୍ରକାରିଆ ଭିକାରି ଜନ୍ମିଲେଣି । ସେମାନେ ଫୋନରେ କଲ୍ କରି ଡେଲେଇ, ମଧୁର କଥାରେ ଫସେଇ ଲାକ୍ଷେ ଲାକ୍ଷେ ଟଙ୍କା ମାଗିନେଉଛନ୍ତି ତ କିଏ ନିଜକୁ ଦୁର୍ଦ୍ଦାନ୍ତିଆ ଦାଦା କହି ଧମକେଇ ମୋଟ ଟଙ୍କା ବଟି ଚନ୍ଦେଇଲେଣି । ଆଉ କିଏ ଅମକେଇ କାମ, ସମକେଇ ଫାଇଦା କରେଇ ଦେବି କହି ଆଧାରକାର୍ଡ, ବ୍ୟାଙ୍କଖାତା ନମ୍ବର ମାଗି ସବୁ ପାଣ୍ଠି ହଡପ କରି, ଥିଲାବାଲାଙ୍କୁ ବଡଦାଣ୍ଡର ଭିକାରି କରେଇ ଛାଡୁଛନ୍ତି । ଏମିତିକା କାମ ମୁରୁଖ କରୁନାହାନ୍ତି, ବରଂ ଡେରେ ଶିକ୍ଷିତ ଭେଣ୍ଡିଆ ପୁଅ ଝିଅ କରୁଛନ୍ତି । ଗୋଟେ ଭେଣ୍ଡିଆ ଭିକାରି ଥରେ ତା' ଦୁଃଖ କଥା କହି ଏମିତି କାନ୍ଦିଲା ଯେ, ମୁଁ ଭିକାରୁଣୀ ହେଇ ବି ମୋ ଥାଳରୁ ଚାରିଶହ ଟଙ୍କା ଦାନ କରିଦେଲି । ତା' ପ୍ରେମିକା ଫସେଇ ଲକ୍ଷ ଲକ୍ଷ ଟଙ୍କା ତା'ଠୁ ନେଇ ଛୁ ମାରିଲା ପରେ... ସେ ଶିକ୍ଷିତ ଭିକାରି ବନିଗଲା । ତାକୁ ଦାମିକା ଡ୍ରେସ, ଦାମୀ ଜୋତା ପିନ୍ଧେଇ ନିଜେ ଚିରାଫଟା ପୋଷାକକୁ ଛିଣ୍ଡା ଚପଲ ପିନ୍ଧିଲା । କିଏ କାହା ଘରଣୀ କି ଫସେଇ ସପନ ଦେଖେଇ ତା' ପରିବାରକୁ ଭିକାରି କଲାଣି ତ କୋଉଠି ବେପାର ବୁଡିଯିବାରୁ, ଦୋକାନ ଭଙ୍ଗା ହେବାରୁ ଭିକ୍ଷାଥାଳି ଧରି ବୁଲିଲେଣି ।

ଦେଖୁନ ! କେମିତି ରୁଷିଆ-ୟୁକ୍ରେନ... ଦେଶ ଦେଶ ଭିତରେ ଆପଣା ବଡ଼ପଣ ବାଜା ବଜେଇବାକୁ ଲଢେଇ କରି, ଘରଦୁଆର ଛାରକାର କରି ଏତେ ଧନ ସମ୍ପତ୍ତି ଛାଡି ଜୀବନ ବିକଳେ ଅନ୍ୟ ଦେଶରେ ଶରଣାର୍ଥୀ ହୋଇ ଭିକ ମାଗିଲେଣି ହଜାର ହଜାର ଲୋକ । ପେଟ ପୋଡ଼ିଗଲେ, ମଣିଷ ତ ମଣିଷ... ପଶୁ ବି ତା'ମାଲିକକୁ ବୋବାଳି ଛାଡି, ମୁଣ୍ଡ ହଲେଇ ଖାଇବାକୁ ମାଗୁଛନ୍ତି । ସବୁ ଶୁଣି ସଦା କହିଲା... ଲୋ ସାବୀ ! କେତେ କ'ଣ ଗବେଷଣା କରି କହୁଛୁ ତ ଭାବି ଭାବି ! ଏବେ ମୋ କଥା ଟିକେ ଶୁଣ, କେମିତି ଭଲ ଚାଷୀରୁ ମୁଁ କେମିତି ହେଲି ଭିକାରି । ତୁ ତ ଜାଣିଛୁ... ଆଜିକାଲି ଯୋଉ ଚାଷ ହେଉଛି, ତାକୁ ମୁଁ ବିହନ ବୁଡ଼ା ଚାଷ କହୁଛି । ଅମଳ ଚାଷରୁ କୋଉ ଚାଷୀ ଆଉ ବିହନ ରଖୁନାହାନ୍ତି । ରଖିଲେ ବି ସେଇ ମଞ୍ଜି ବା ବିହନରୁ ଆଉ ଥରେ ଚାଷ ହେବନି । ଯେମିତି ଫାରମ କୁକୁଡ଼ା ଅଣ୍ଡାରୁ ଛୁଆ ହୁଏନି । ତେଣୁ ଆମେ ବିହନ ଗଣ୍ଡେ ପାଇଁ କୋଉ କମ୍ପାନୀ ଦ୍ୱାରା ସରକାର କିଣିଲେ, ଆମକୁ କୃଷି ଅଫିସ ନହେଲେ ବ୍ଲକ ଅଫିସ ଧାଇଁ ଧାଇଁ ଯୋଉ ବିହନ ଗଣ୍ଡେ ମିଳେ, ସେଥିରେ କେତେବେଳେ ଗଛ ଉଠୁନି ତ କେବେ ଗଛହେଲେ ବି ଫଳ ଧରୁନି । କେତେବେଳେ କୋଉ ପୋକ ଖାଇଗଲାଣି ତ କେବେ ବଢ଼ି, ବାତ୍ୟା, ମରୁଡି ଫସଲ ଉଜାଡି ଦେଲାଣି । ସାହୁକାର କରଜ ନେଇ ବରଷରେ ଶୁଝି ନ ପାରିଲେ କି ଆଉଥରେ ବିହନ, ସାର, ମୂଳିଆ ମଜୁରି ଦେଇ ଚାଷପାଇଁ ବଳ ନ ଥିଲେ, ଜମିବାଡ଼ି ବିକି, କରଜ ଶୁଝି ତୋରି ପରି ଭିକ ମାଗିବାକୁ ପଡୁଛି । ମୋ ଅବସ୍ଥା ସେଇଆ । ଯେତେସବୁ ଯୋଜନା, ବେଶି ନକଲି ଚାଷୀ ଫାଇଦା ଉଠାଉଛନ୍ତି । ଯେମିତି ଆବାସ ଯୋଜନାରେ ଭଙ୍ଗାଘର ବା ବାସହରାବାଲା ନ ପାଇ ବେଶି ଥିଲାବାଲା ଉପକୃତ ହେଉଛନ୍ତି । ତେଣେ ଦଳ ଦଳ ଭିତରେ ଗୁଟି ଧରାଧରି.. ଟଣା ଓଟରା ହଉଛନ୍ତି । ଅସଲ ପାଇବା ଲୋକ ମାଗି ମାଗି ନିରାଶରେ ଲୁହ ଗଡାଉଛନ୍ତି । ଖାଲି କ'ଣ ସେତିକି, ଦେଖୁନ ! କୂଟନୀତିଆଙ୍କ ଫାଶରେ ପଡ଼ି ସୁଖରେ ଚାଲିବାକୁ ଭାରତଠାରୁ ପାକିସ୍ତାନ ଅଲଗା ହେଲା - ଯେମିତି ଭାଇ ଭାଇ ଭିନ୍ନ ହେଲାପରି । କିନ୍ତୁ ସେଇ ଦେଶର ଏମିତିକା ଅବସ୍ଥା ଯେ ତାଙ୍କ ମୁଖିଆ ଏବେ ଭିକାରି ଭଳି ବାରଦେଶ ବୁଲି ଟଙ୍କା, ଖାଦ୍ୟ, ତେଲ ମାଗି ବୁଲୁଛନ୍ତି । ତା' ଅବସ୍ଥା ଦେଖି ପ୍ରକୃତି ଜାଣି ଅନ୍ୟ ଦେଶ ମୁହଁ ମୋଡୁଛନ୍ତି । ସେମିତି ସୁବର୍ଣ୍ଣ ଶ୍ରୀଲଙ୍କା ଅବସ୍ଥା ତ ଆହୁରି ଖରାପ... ଭିକାରିଠୁ ହୀନ । ତେବେ ଏମିତିକା ହେଲେ, ଏ ସାରା ସଂସାର କେମିତି ଭିକାରି ଶୂନ୍ୟ ହେବ ?

ମତେ ଲାଗୁଛି ଯେବେ ମଣିଷ ମାଗଣାଖିଆ... ମାଗିଖିଆ ବୁଦ୍ଧି ଛାଡି, ଖଟି ଖାଇବାର ଉପାୟ ପାଇବେ, ଥିଲାବାଲା ଆପଣା ସ୍ୱାର୍ଥ ଛାଡି, ନ ଥିଲାବାଲାଙ୍କୁ ବଞ୍ଚେଇବାର ବୁଦ୍ଧି ଧରିବେ, ବିବେକ ବୁଦ୍ଧିରେ ଅସଲ ଧର୍ମର ମହତ୍ତ୍ୱ ବୁଝିବେ, ସ୍ୱାବଲମ୍ବୀ ହେବାକୁ ଚେଷ୍ଟା କରିବେ... ତେବେ ସାରା ପୃଥିବୀରୁ ଭିକ୍ଷାବୃତ୍ତି ହଟିବ ।

ଚାଲେ ସାବୀ ! ତୋର ମୋର ଆଜିଠୁ ଏଇ ଭିକମଗା ଛାଡି କିଛି କିଛି ଟଙ୍କା ମିଶେଇ କିଛି ବେପାର ବୁଲି ବୁଲି କରିବା । ସାବୀ ଭାବି ଭାବି କହିଲା... ତୋ କଥାଟା ମୋ ମନକୁ ପାଇଲା ।

*-ମଙ୍ଗରାଜପୁର, ପୁରୀ*

*ମୋ: ୭୦୦୮୧୮୮୮୪୭*


## ପୁସ୍ତକ ସମୀକ୍ଷା

### ଭକ୍ତି ଶତଦଳ

**ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ**

**ପ୍ରକାଶକ- ସଞ୍ଜୀବ କୁମାର ତରାଇ, ମୂଲ୍ୟ-୧୨୫ଟଙ୍କା**

ଭକ୍ତି ଶତଦଳ ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀଙ୍କ କବିତା ପୁସ୍ତକ । ଏଥିରେ ୧୦୦ଟି ଭକ୍ତି ଗୀତ ରହିଛି । ଏଗୁଡିକ ଭକ୍ତି ରସରେ ରସାଣିତ । ସାଂସାରିକ ଜୀବନର ଘାତ ପ୍ରତିଘାତ ମନୁଷ୍ୟକୁ ବ୍ୟତିବ୍ୟସ୍ତ କରାଏ । ସେତେବେଳେ ମଣିଷ ଧୈର୍ଯ୍ୟହରା ହୋଇ ଈଶ୍ୱରଙ୍କ ନିକଟରେ ହାତ ଟେକିଦିଏ । କୋଟି ଓଡ଼ିଆର ମଉଡମଣି ପ୍ରଭୁ ଜଗନ୍ନାଥଙ୍କ କରୁଣା ଲାଭ କରେ । ସେତେବେଳେ ସାଧାରଣ ଚେତନାର ଊର୍ଦ୍ଧ୍ୱକୁ ଯାଇ କବି ଭକ୍ତି ରସାପ୍ଲୁତ ହୋଇ ଯାହା ଦେଖେ, ଭାବେ ବା ଉପଲବ୍ଧି କରେ ତାକୁ ଭକ୍ତି ସଙ୍ଗୀତରେ ରୂପ ଦେଇଥାଏ । ଆଶା ପୁସ୍ତକଟି ସାହିତ୍ୟାନୁରାଗୀମାନେ ପଢି ଖୁସି ହେବେ ।




### ମଳୟମରୁତ

ଗନ୍ଧର୍ବ କିଶୋର ଜେନା

ପ୍ରକାଶକ -କଳିଙ୍ଗ ସାହିତ୍ୟ ଏକାଡେମୀ

ବହୁଗ୍ରାମ, କଟକ, ମୂଲ୍ୟ-୫୦ଟଙ୍କା

ମଳୟମରୁତ ଗନ୍ଧର୍ବ କିଶୋର ଜେନାଙ୍କ ପୁସ୍ତକ । ଏଥିରେ ୪୩ଟି କବିତା ରହିଛି । ପ୍ରଥମ କବିତା ମଳୟ ମରୁତକୁ ନେଇ ବହିଟିର ନାମକରଣ କରାଯାଇଛି । ଏଥିରେ କବି କହୁଛନ୍ତି ସଂସାରରେ କେହି ସ୍ଥାୟୀ ନୁହେଁ ବୋଲି । ଯେପରି ମଳୟ ପବନ ଆସିଥାଏ ସେହିପରି ଯୌବନ ମଧ୍ୟ ଆସିଥାଏ ପୁଣି ଚାଲିଯାଏ । କୌଣସି କଥା ଜୀବନରେ ଚିରସ୍ଥାୟୀ ହୋଇ ନ ଥାଏ । ପ୍ରଭୁଙ୍କ ନାମ କୀର୍ତ୍ତନ ଦ୍ୱାରା ଏ ମନୁଷ୍ୟ ଜୀବନରେ ମୁକ୍ତି ଲାଭ କରିବ ଏଥିରେ ସନ୍ଦେହ ନାହିଁ ।




### ଭକ୍ତି ଚନ୍ଦ୍ରିକା

**କବୟିତ୍ରୀ ପଦ୍ମାବତୀ ମିଶ୍ର**

**ପ୍ରକାଶକ-ପ୍ରଭାତ ମିଶ୍ର,**

**ଗୋବିନ୍ଦପୁର, କନକପୁର**

**ଜଗତସିଂହପୁର, ମୂଲ୍ୟ-୧୨୫ଟଙ୍କା**

ଭକ୍ତି ଚନ୍ଦ୍ରିକା କବୟିତ୍ରୀ ପଦ୍ମାବତୀ ମିଶ୍ରଙ୍କ ପୁସ୍ତକ । ଏଥିରେ ସେ ଗୁରୁବନ୍ଦନାରୁ ଆରମ୍ଭ କରି ଗୁରୁବନ୍ଦନାରେ ଶେଷ କରିଛନ୍ତି । କାମନା ବାସନାରେ ବଶବର୍ତ୍ତୀ ହୋଇ ମଣିଷ ତାର ମାନବିକତାର ମୂଲ୍ୟବୋଧ ଭୁଲି ଭୋଗ ସର୍ବସ୍ୱ ହୋଇ ଆଜି ଯନ୍ତ୍ରଣା ଭୋଗୁଛି । ପଥହରା ମଣିଷ ମନରେ ଭକ୍ତି ଚେତନାରେ ଉନ୍ମେଷ ଲାଗି ଲେଖିକା ଭକ୍ତି ଚନ୍ଦ୍ରିକା ପୁସ୍ତକ ରଚନା କରିଛନ୍ତି । ଯାହାକୁ ପାଠ କଲେ ମଣିଷ ଶାନ୍ତି ଓ ସନ୍ତୋଷ ଲାଭ କରିବ ।



## ଜେଟ୍ ସୁଟ୍ ଏୟାର ଆମ୍ବୁଲାନ୍ସ

ଏୟାର ଆମ୍ବୁଲାନ୍ସ ଏକ ବରଦାନସ୍ୱରୂପ। କେଇ ଘଣ୍ଟା ଭିତରେ ଏହା ରୋଗୀଙ୍କୁ ଦୂର ଚିକିତ୍ସାଳୟରେ ପହଞ୍ଚାଇ ଦେଇଥାଏ। ତାହା ମଧ୍ୟରେ ଭେଣ୍ଟିଲେଟର ସମେତ ବିଭିନ୍ନ ମେଡିକାଲ ଫାସିଲିଟି ଥାଏ। ହେଲେ ସବୁ ସ୍ଥାନରେ ଏହା ପହଞ୍ଚିବା ସମ୍ଭବପର ନୁହେଁ। କାରଣ ଏହା କେବଳ ଏରୋଡ୍ରମ ଫିଲ୍ଡ ଥିବା ସ୍ଥାନରେ ହିଁ ଲ୍ୟାଣ୍ଡ କରିପାରେ। ପାହାଡିଆ ଅଞ୍ଚଳରେ ତ ଏହି ସେବା ମିଳିବା ସ୍ୱପ୍ନ ପ୍ରାୟ। ତେଣୁ ଏଭଳି କ୍ଷେତ୍ରରେ କିଭଳି ଏୟାର ଆମ୍ବୁଲାନ୍ସ ସେବା ପ୍ରଦାନ କରିହେବ ତାକୁ ନଜରରେ ରଖି ତିଆରି ହୋଇଛି 'ଗ୍ରାଭିଟି ଜେଟ୍‌ସୁଟ୍'। ଏହାକୁ ପିନ୍ଧି ଜଣେ ବ୍ୟକ୍ତି ସୁଉଚ୍ଚ ପାହାଡିଆ ଅଞ୍ଚଳକୁ ବିଭିନ୍ନ ମେଡିକାଲ ଫାସିଲିଟି ଧରି ଉଡି ଉଡି ପହଞ୍ଚିପାରିବ। ନିକଟରେ ଏହାର ପରୀକ୍ଷଣ ମଧ୍ୟ କରାଯାଇଛି। ଆନନ୍ଦ ମହିନ୍ଦ୍ରା ଏହାର ପରୀକ୍ଷଣ ସମୟର ଏକ ଭିଡିଓ ଶେୟାର ବି କରିଥିଲେ। ଏହି ଜେଟ୍‌ସୁଟ୍ ପିନ୍ଧି ଖୁବ୍ ସହଜରେ ଓ କମ୍ ସମୟ ଭିତରେ ଅପହଞ୍ଚ ସ୍ଥାନକୁ ପହଞ୍ଚି ହେବ। ଏଥିରେ ଦୁଇ ହାତରେ ଜେଟ୍ ବ୍ୟାଣ୍ଡ ବନ୍ଧାଯାଏ, ଯାହା ମଣିଷକୁ ଉଡାଜାହାଜ ପରି ଉଡିବାରେ ସାହାଯ୍ୟ କରେ। ପ୍ରଥମେ ଜେଟ୍ ସୁଟ୍ ଷ୍ଟାର୍ଟ ହେବାର ପ୍ରଭାବରେ ବ୍ୟକ୍ତି ହଲି ଯିବେ। କିନ୍ତୁ ପରେ ଆକାଶରେ ଉଡିବା ସମୟରେ ବେଶ୍ ଆରାମରେ ଉଡିପାରିବେ। ଏହି ସୁଟ୍ ଗ୍ୟାସ୍ ଅବା ତରଳ ଇନ୍ଧନରେ ଚାଲେ। ଏଥିରେ ଟରବାଇନ୍ ଇଞ୍ଜିନ ଲାଗିଛି। ଏହାକୁ ପିନ୍ଧି ୧୦-୧୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ଉଡିହେବ। ଜେଟପ୍ୟାକ୍ ସୁଟ୍‌ଦ୍ୱାରା ସେନାଙ୍କୁ ସୀମା ଓ ପାହାଡ ଜଙ୍ଗଲର ନିରୀକ୍ଷଣ କରିବା ସହଜ ହେବ।









ବ୍ୟାକ୍ ପେଜ୍


## ତଥାପି ମଡେଲ

ଏମିତି ଅନେକ ଅଛନ୍ତି, ଯେଉଁମାନେ ନିଜ ଭିତରେ ଥିବା ଛୋଟ ଛୋଟ ଅଭାବକୁ ନେଇ କାନ୍ଦନ୍ତି। ଭଗବାନଙ୍କୁ ଦୋଷାରୋପ କରନ୍ତି। ହେଲେ ଆଉ କିଛି ଅଛନ୍ତି ଯେଉଁମାନଙ୍କ ଭିତରେ ଅନେକ ଅଭାବ ଥାଇ ମଧ୍ୟ କେବେ ଲୁହ ଗଡାନ୍ତି ନାହିଁ କି କାହାକୁ ଦୋଷାରୋପ ବି କରନ୍ତି ନାହିଁ। ବରଂ ଜିଇବାର ନୂଆ ରାସ୍ତା ଖୋଜନ୍ତି। ସେଇଭଳି ଜଣେ ହେଉଛନ୍ତି ଇକ୍ୱେଡରରେ ରହୁଥିବା ଭିକ୍ଟୋରିଆ ସାଲସେଡୋ। ୨୬ ବର୍ଷୀୟା ସାଲସେଡୋଙ୍କର ନାହିଁ ଦୁଇ ହାତ ଓ ଗୋଟିଏ ଗୋଡ। ଏକ ଆକସ୍ମିକ ଦୁର୍ଘଟଣାରେ ସେ ନିଜର ଏହି ଅଙ୍ଗଗୁଡିକୁ ମାତ୍ର ୬ ବର୍ଷ ବୟସରେ ହରାଇଥିଲେ। ଯେଉଁ ପରିସ୍ଥିତିରେ ଲୋକେ ବଞ୍ଚିବାର ଆଶା ଛାଡି ଦିଅନ୍ତି ସେମିତି ସ୍ଥିତିରେ ସେ ହାର୍ ମାନି ନ ଥିଲେ। ଆଉ ଜୀବନ ସହ ସାଲିସ୍ କରି ଆଗେଇ ଚାଲିଲେ। ନିଜର ସବୁ କାମ ଗୋଟିଏ ଗୋଡରେ କରିବା ଶିଖିଲେ। ତେବେ ତାଙ୍କୁ ଯେବେ ୧୯ ବର୍ଷ ବୟସ ତାଙ୍କ ଉପରେ ଏକ ମଡେଲିଂ ସ୍କାଉଟ୍‌ଙ୍କର ପଡିଥିଲା। ଆଉ ସେ ସାଲସେଡୋଙ୍କୁ ବହୁତ ପସନ୍ଦ କରିଥିଲେ। ତାଙ୍କୁ ମଡେଲିଂ କରିବାକୁ ପ୍ରସ୍ତାବ ଦେଲେ। ସୁନ୍ଦରୀ ହେବା ସହ ଭିକ୍ଟୋରିଆ ବେଶ୍ ପ୍ରଫେଶନାଲ ବି ଥିଲେ। ତେଣୁ ମଡେଲିଂ ଜଗତରେ ଧୀରେ ଧୀରେ ନାଁ କରିବାକୁ ଲାଗିଲେ। ୨୦୨୧ରେ ସେ ମିସ୍ ଇକ୍ୱେଡର୍ ବିଉଟି ପେଜେଣ୍ଟରେ ବି ଅଂଶଗ୍ରହଣ କରିଥିଲେ। ସେ ସୋସିଆଲ ମିଡିଆରେ ନିଜର ଦୈନନ୍ଦିନ କାର୍ଯ୍ୟର ଭିଡିଓ ଅପଲୋଡ କରିବା ସହ ମଡେଲିଂର ଭିଡିଓ ଅପ୍‌ଲୋଡ କରି ତାଙ୍କ ଭଳି ଅନେକଙ୍କୁ ପ୍ରେରଣା ଦେଇଥାନ୍ତି।

## ମଟର ଫୁଙ୍କି ରେକର୍ଡ

ମଟରରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ ଖାଇଥିବେ। ହେଲେ ଜଣେ ବ୍ୟକ୍ତି ଏଇ ଛୋଟିଆ ମଟରକୁ ନେଇ ଗିନିଜ ୱାର୍ଲଡ ରେକର୍ଡ ମଧ୍ୟ କରିଛନ୍ତି। ତେବେ ତାହା କେମିତି ସମ୍ଭବ ବୋଲି ଭାବୁଥିବେ। ସେ ମଟରକୁ ପାଟିରେ ଫୁଙ୍କି ତାକୁ ବହୁତ ଦୂର ପହଞ୍ଚାଇ ଉକ୍ତ ରେକର୍ଡ କରିଛନ୍ତି। ସେ ହେଉଛନ୍ତି ଡେଭିଡ ରଶ୍, ଯେ କି ଜଣେ ସିରିୟଲ ୱାର୍ଲଡ ରେକର୍ଡ ବ୍ରେକର୍। ସେ ନିଜର ୨୫୦





ତମ ଟାଇଟଲ୍ ମଟରକୁ ଫୁଙ୍କି ହାସଲ କରିଛନ୍ତି। ତେବେ ସାଢେ ଛଅ ବର୍ଷ ତଳେ ପ୍ରଥମେ ସେ ମଟରକୁ ୨୪ ଫୁଟ୍ ଦୂର ଫୁଙ୍କି ରେକର୍ଡ କରିଥିଲେ। ଦ୍ୱିତୀୟ ଥର ୪୧ ଫୁଟ ଓ ତୃତୀୟ ଥର ୫୨ ଫୁଟ୍ ଫୁଙ୍କିଥିଲେ। ଆଉ ଚତୁର୍ଥ ଥର ୮୪ ଫୁଟ ୧୧.୨୫ ଇଞ୍ଚ ଫୁଙ୍କି ପୂର୍ବ ତିନି ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ କଲେ।